# ରବି ରାୟ ଓ ଜଗତୀକରଣ

**ବୀରେନ୍ଦ୍ର ନାୟକ**

<u>ମନମୋହନ ସିଂହ ଓ ସାଉଥ କମିଶନ୍</u>

ରବି ବାବୁ ତାଙ୍କର ରାଜନୈତିକ ଜୀବନର ଶେଷ ପର୍ଯ୍ୟାୟରେ, ଯାହା ନବେ ଦଶକ ପରେ ପରେ ଆରମ୍ଭ ହେଲା ବୋଲି କୁହାଯାଇପାରେ, ଯେଉଁ ବିଷୟକୁ ନେଇ ବିଶେଷ ଭାବରେ ଚିନ୍ତା ଓ ଆଲୋଚନା କରୁଥିଲେ, ବିବ୍ରତ ହେଉଥିଲେ, ତାହା ଥିଲା ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣର ପ୍ରସଙ୍ଗ । ଆମେ ଜାଣୁ ଯେ ଏହାର ଭି ି ପଡ଼ିଲା ଯେତେବେଳେ ପି ଭି ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ବିଶ୍ୱବ୍ୟାଙ୍କ-ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ନିର୍ଦ୍ଦେଶରେ ଢାଂଚାଗତ ସୁଧାର କାର୍ଯ୍ୟକ୍ରମ ବା Structural Adjustment Programme କାର୍ଯ୍ୟକାରୀ କଲେ । ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଏହି ଦୁଇଟି ବି ୀୟ ସଂସ୍ଥା ୧୯୪୪ ମସିହାରେ ସ୍ଥାପନା କରାଯାଇଥିଲା ଓ ଭାରତ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସଦସ୍ୟ ହୋଇଥିଲା ୨୭ଡିସେମ୍ବର ୧୯୪୫ରେ, ପରାଧୀନ ଥିବା ସମୟରେ । ବିଶ୍ୱବ୍ୟାଙ୍କର ସଦସ୍ୟତା ପାଇଁ ପ୍ରାକ୍ ସ ର୍ ହେଉଛି ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସଦସ୍ୟତା । ଏହି ଦୃଷ୍ଟିରୁ ଏହି ଦୁଇ ବି ୀୟ ସଂଗଠନ ଯମଜ ଅଟନ୍ତି କହିବା ଅତ୍ୟୁକ୍ତି ହେବ ନାହିଁ । ଏହି ଦୁଇ ସଂଗଠନର ପ୍ରଭାବ ଏପରି ଥିଲା ଯେ ଡକ୍ଟର ମନମୋହନ ସିଂହ ମାତ୍ର ତିନି ଦିନ ବ୍ୟବଧାନରେ ଦୁଇ ଦୁଇ ଥର (ଜୁଲାଇ ୧ (୭-୯%) ଓ ଜୁଲାଇ ୩ (୧୧%), ୧୯୯୧)ଭାରତୀୟ ଟଙ୍କାର ଅବମୂଲ୍ୟାୟନ କଲେ କାରଣ ପ୍ରଥମଥର ଯେଉଁ ହାରରେ ଅବମୂଲ୍ୟାୟନ ହେଲା, ତାହା ଏହି ସଂଗଠନ ଗୁଡ଼ିକୁ ସୁହାଇ ନପାରେ ବୋଲି ଆଶଙ୍କା କରାଗଲା । ଉଲ୍ଲେଖଯୋଗ୍ୟ ଯେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବା ଆଇ.ଏମ୍.ଏଫ୍‌ଠାରୁ ଋଣ ପାଇବାର ପ୍ରାକ୍ ସ ର୍ ହେଉଛି ମୁଦ୍ରାର ଅବମୂଲ୍ୟାୟନ । ମନମୋହନ ସିଂହ ଏପରି କରିବା, ଆନ୍ତର୍ଜାତିକ ବି ସଙ୍ଗଠନଗୁଡ଼ିକର ଅନୁଗତ ହୋଇ କାର୍ଯ୍ୟ କରିବା ଯେ ଗୋଟିଏ ବିଡ଼ମ୍ବନା ଥିଲା, ତାହାକୁ ପ୍ରଥମେ ଉନ୍ମୋଚିତ କରିଥିଲେ ସଂସଦରେ ରବି ରାୟ । ସେଦିନ ତାଙ୍କହାତରେ ଥିଲା ତାଞ୍ଜାନିଆର ପୂର୍ବତନ ରାଷ୍ଟ୍ରପତି ଜୁଲିଅସ ନାଏରରେଙ୍କ ନେତୃତ୍ୱରେ ଗଠିତ South Commission ର Report (The Challenge to the South) । ଏହି ରିପୋର୍ଟକୁ ସଂସଦକୁ ଦେଖାଇ, ତାହାର କିୟଦଂଶ ପଢ଼ି, ସାରାଂଶ କହିସାରି ସେ କହିଲେ, "ଏ ରିପୋର୍ଟରେ ଜଣେ ବ୍ୟକ୍ତିଙ୍କ ଦସ୍ତଖତ ଅଛି ଯିଏ ଏହି ଗୃହରେ ଉପସ୍ଥିତ ଅଛନ୍ତି ।" ସମସ୍ତେ ସ୍ୱାଭାବିକ ଚକିତ ହୋଇଯାଇଥିଲେ କାରଣ ପ୍ରାୟ କେହି ଏହି ରିପୋର୍ଟ ଦେଖି ନଥିଲେ । ରବି ବାବୁ ଆହ୍ୱାନ ଦେଇ କହିଲେ, "ମୁଁ ଯେଉଁ ଭଦ୍ରଲୋକଙ୍କ କଥା କହୁଛି ସେ ନିଶ୍ଚୟ ଜାଣିସାରିବେଣି ମୁଁ କ'ଣ କହୁଛି । ସେ ନିଜେ ଉଠି କହନ୍ତୁ ଏ ଦସ୍ତଖତ ତାଙ୍କର ନା ନାହିଁ ।" କେହି ଉଠିଲେ ନାହିଁ । ସେଠୁ ରବି ବାବୁ କହିବାକୁ ବାଧ୍ୟ ହେଲେ, "ସେ South South Report ରେ ଦସ୍ତଖତ କରିଥିବା ବ୍ୟକ୍ତି ହେଉଛନ୍ତି ଆଜିର ଆମର ଅର୍ଥମନ୍ତ୍ରୀ ମନମୋହନ ସିଂହ । ଯେଉଁ ମନମୋହନ ସିଂହ ସେ ରିପୋର୍ଟରେ ଚେତାବନୀ ଶୁଣାଉଛନ୍ତି ଯେ ଉଦାରୀକରଣ ନୀତି ଅବଲମ୍ବନ କଲେ ତୃତୀୟ ବିଶ୍ୱର ଦେଶମାନେ ଧ୍ୱଂସ ପାଇଯିବେ, ସ୍ୱୟଂ ସେହି ବ୍ୟକ୍ତି ଆଜି ଏକ ତୃତୀୟ ବିଶ୍ୱ ଦେଶର ଅର୍ଥମନ୍ତ୍ରୀ ହେବା ପରେ ନିଜଦେଶରେ ଉଦାରୀକରଣ ନୀତିକୁ ନିଃସଙ୍କୋଚ ପ୍ରଚଳନ କରୁଛନ୍ତି । ଏହାଠାରୁ ବଳି ବିଡ଼ମ୍ବନା କ'ଣ ହୋଇପାରେ ?" ମନମୋହନ ସିଂହ ଥିଲେ South Commissionର ମହାସଚିବ (Secretary- General) । ମହାସଚିବ ଭାବେ ମନମୋହନ ସିଂହଙ୍କର ଭୂମିକାକୁ ପ୍ରଶଂସା କରି କମିଶନ ଅଧ୍ୟକ୍ଷ ଜୁଲିଅସ ନାଏରରେ ରିପୋର୍ଟର ମୁଖବନ୍ଧରେ ଲେଖିଥିଲେ ଯେ "ମନମୋହନ ସିଂହଙ୍କର ଦୃଷ୍ଟାନ୍ତକାରୀ ନେତୃତ୍ୱରେ କମିଶନର ସଚିବାଳୟର ଅଧିକାରୀଗଣ ଏକ ଟିମ୍ ଭାବେ ଅକ୍ଳାନ୍ତ ପରିଶ୍ରମ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ।" ସେ ମଧ୍ୟ ଏହି ମୁଖବନ୍ଧରେ ଲେଖିଥିଲେ', "ଆମେ, କମିଶନର ସଭ୍ୟବୃନ୍ଦ ଆମର ଉଦ୍ୟମରେ ସଫଳ ହୋଇଛୁ ବୋଲି ଭାବିବୁ ଯଦି ଏହି ରିପୋର୍ଟରେ ହୋଇଥିବା ସୁପାରିଶ ଓ ଯେଉଁ ବକ୍ତବ୍ୟମାନ ଆମେ

ଦେଇଛୁ ତାହାକୁ ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ରର ସରକାର ଓ ଜନତା ତଥା ସେମାନଙ୍କର ଉ ର ଗୋଲାର୍ଦ୍ଧରେ ଥିବା ବନ୍ଧୁ ଗମ୍ଭୀରତାର ସହ ବିଚାର କରିବେ ।” ତେଣୁ ଏହା ବିଡ଼ମ୍ବନା ମନେ ହେଉଥିଲା ଯେ ମନମୋହନ ସିଂହ ନରସିଂହ ରାଓ ସରକାରରେ ଯୋଗ ଦେଉ ଦେଉ (ଜୁନ ୨୧,୧୯୯୧ରେ ଶପଥ), ମାତ୍ର ବର୍ଷକତଳେ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ (ମଇ, ୧୯୯୦) ତାହାର ଉପେକ୍ଷା କରି ବସିଲେ । କଣ କୁହାଯାଇଥିଲା ଏହି ରିପୋର୍ଟରେ, ଯାହା ଏହିଭଳି ଏକ ଧାରଣା ରବିବାବୁଙ୍କ ମନରେ ସୃଷ୍ଟି କରିଥିଲା ?

### *ସାଉଥ୍ କମିଶନ୍ ରିପୋର୍ଟରୁ ଉଦ୍ଧୃତି*

ରିପୋର୍ଟରୁ କେତୋଟି ଉଦ୍ଧୃତି ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ । ଏହି ରିପୋର୍ଟରେ ସ୍ପଷ୍ଟ କୁହାଯାଇଥିଲା[୩] ଯେ “ବିକଶିତ ରାଷ୍ଟ୍ରମାନଙ୍କରୁ ଏହି ଧାରଣାର ସୃଷ୍ଟି ଯେ ବିକାଶୋନ୍ମୁଖୀ ଦେଶମାନଙ୍କରେ ବିକାଶର ସଂକଟର କାରଣ ହେଉଛି ଏହି ଦେଶମାନଙ୍କରେ ଅନୁସୃତ ତୃଟିପୂର୍ଣ୍ଣ ଘରୋଇ ନୀତି । ଏହି ବିକଶିତ ରାଷ୍ଟ୍ରଗୁଡ଼ିକ ଆନ୍ତର୍ଜାତିକ ବି ୀୟ ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିଲେ ସେମାନଙ୍କର ମତକୁ ତୃତୀୟ ବିଶ୍ୱର ଦେଶମାନଙ୍କ ଉପରେ ଲଦି ଦେବା ପାଇଁ ଓ ଚାପ ପକାଉଥିଲେ ଏହି ତୃତୀୟ ବିଶ୍ୱର ରାଷ୍ଟ୍ର ଗୁଡିକ ଉପରେ ସେମାନଙ୍କର ଅର୍ଥନୀତିକୁ ବିଭିନ୍ନ ସଂକୋଚନକାରୀ ନୀତି ଦ୍ୱାରା ‘ଆଡଜଷ୍ଟ’ କରିବା ପାଇଁ । ଏହି ହେତୁରୁ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ନୀତିଗୁଡ଼ିକରେ ଥିଲା ଅସନ୍ତୁଳନ; ସେମାନେ (*ବି ୀୟ ଅନୁଷ୍ଠାନମାନେ*) ବିକଶିତ ରାଷ୍ଟ୍ରମାନଙ୍କଠାରୁ କୋଣସି ପ୍ରକାରର ଆଡଜଷ୍ଟମେ ଚାହୁଁ ନଥିଲେ ଯଦିଓ ଦକ୍ଷିଣ ଦେଶ ମାନଙ୍କ ଦୁରବସ୍ଥା ପାଇଁ ଏହି ବିକଶିତ ରାଷ୍ଟ୍ରମାନଙ୍କର ଅବଦାନ ଥିଲା ବେଶ୍ ଅଧିକ । ଏହା ଥିଲା ନବ୍ୟସାମ୍ରାଜ୍ୟବାଦର ଗୋଟିଏ ରୂପ: ବିଶ୍ୱର ବୃହତ୍ ଅର୍ଥନୈତିକ ଶକ୍ତିମାନେ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କୁ ବିପର୍ଯ୍ୟସ୍ତ ବିଶ୍ୱ ଅର୍ଥନୀତିର ଭାର ବହନ କରିବାପାଇଁ ଯେତେବେଳେ ବାଧକରୁଥିଲେ, ସେତେବେଳେ ସେମାନଙ୍କର ବିକାଶରେ ବୃଦ୍ଧି କାଏମ ଥିଲା ।” ଏବଂ ଏହି ବିକାଶ କିପରି ହେଉଥିଲା ତା’ର ଏକ ପରିମାଣାତ୍ମକ ଦୃଷ୍ଟାନ୍ତ ମଧ୍ୟ ଏହି ରିପୋର୍ଟରେ ଥିଲା । କୁହାଯାଇଥିଲା[୪], ‘ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇ.ଏମ୍.ଏଫ୍) ନା କେବେ ସେଭଳି ଗୁରୁତ୍ୱ ଦେଇ ଦେଖିଛି ଯେ ବିକାଶଶୀଳ ଦେଶଗୁଡିକର (ବୈଦେଶିକ ମୁଦ୍ରାର) ଗଚ୍ଛିତ ସ୍ଥିତି (reserve position)କ’ଣ, ନା ଋଣ (Special Drawing Rights (SDRs) ବ ନ ବେଳେ ଜାଣିବାକୁ ଚାହିଁଛି ଏହି ଦେଶମାନଙ୍କର ପ୍ରକୃତ ଆବଶ୍ୟକତା କେତେ । ବିକାଶଶୀଳ ରାଷ୍ଟ୍ରଗୁଡିକର ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ପୁଞ୍ଜିର ଧନାତ୍ମକ ପ୍ରବାହ (positive flow) ବିକାଶଶୀଳ ଦେଶମାନଙ୍କ ପାଇଁ ନିଶ୍ଚିତ କରିବା କ୍ଷେତ୍ରରେ ଆନ୍ତର୍ଜାତିକ ବି ୀୟ ସଂସ୍ଥା ଗୁଡ଼ିକ ଅସଫଳ ହୋଇଛନ୍ତି । ଅପରପକ୍ଷରେ, ଚଳିତବର୍ଷମାନଙ୍କରେ, ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଋଣ ପରିଶୋଧ ବାବଦ ବର୍ଷକୁ ପ୍ରାୟ ନିଟ ୪୦ ବିଲିୟନ ଡଲାର(୪୦୦୦କୋଟି ଡଲାର) ବିକଶିତ ରାଷ୍ଟ୍ରଗୁଡ଼ିକୁ ଫେରାଇବାକୁ ପଡ଼ିଛି, ଏବଂ ଗରିବ ଦେଶରୁ ଧନୀ ଦେଶମାନଙ୍କୁ ପୁଞ୍ଜିର ଏହି ଅନୁଚିତ ପ୍ରବାହରେ କୌଣସି ପରିବ ର୍ନ ଆସିବ, ଏହାର ଖୁବ କମ୍ ସମ୍ଭାବନା ଦେଖା ଯାଉଛି । କୌଣସି ପ୍ରଭାବୀ ପ୍ରତିକାରମୂଳକ ପଦକ୍ଷେପର ଅଭାବରେ, ଏହି ସମ୍ଭାବନା ଦେଖା ଯାଉଛି ଯେ ଦକ୍ଷିଣ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାନଙ୍କରେ ନବେଦଶକ ସାରା ଅର୍ଥନୀତିରେ ଗତିହୀନତା ଓ ପଶ୍ଚାତ୍‌ଗତି (stagnation and retrogression) ଲାଗି ରହିବ । ଏହିଭଳି ‘ବିନଷ୍ଟ ଦଶକ’(‘lost decade’) ର ପର୍ଯ୍ୟାୟ ଦୀର୍ଘକାଳୀନ ହେବ ।’ ଉଲ୍ଲେଖଯୋଗ୍ୟ ଯେ ୮୦ଦଶକର ପ୍ରାରମ୍ଭରୁ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଗୁଡ଼ିକରେ ବିଶ୍ୱବ୍ୟାଙ୍କ ଦ୍ୱାରା ଢାଂଚାଗତ ସୁଧାର କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସ ର୍ ଆରୋପିତ ହେବା, ଯେପରି ବି ୀୟ ନିଷ୍ପ ି, ବାଣିଜ୍ୟ, ରାଷ୍ଟ୍ରାୟ ସଂସ୍ଥାଗୁଡ଼ିକର ପରିଚାଳନରେ ସରକାରୀ ହସ୍ତକ୍ଷେପରେ ହ୍ରାସ, ଏହି ସଂସ୍ଥା ଗୁଡିକର ଘରୋଇକରଣ, ଉଦାରୀକରଣ ଓ ଘରୋଇ ସଂସ୍ଥାଗୁଡିକୁ ପ୍ରୋତ୍ସାହନ ଇତ୍ୟାଦି ସ େ ଏହି ରାଷ୍ଟ୍ରଗୁଡିକର ଅର୍ଥନୀତିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିଲା । ବରଂ ଅର୍ଥନୀତି ଏପରି ବିପର୍ଯ୍ୟସ୍ତ ହୋଇ ପଡିଥିଲା ଯେ ଦକ୍ଷିଣ ଆମେରୀକୀୟ ରାଷ୍ଟ୍ରଗୁଡିକ ପାଇଁ ଏହି ଦଶକ ‘ବିନଷ୍ଟ ଦଶକ’(‘lost decade’) ଭାବରେ ଅଭିହିତ ହୋଇଥିଲା । ଏହି ବିନଷ୍ଟ ୮୦ ଦଶକର ଅବସ୍ଥା ୯୦ଦଶକରେ ବିଭିନ୍ନ ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ରରେ କାଏମ ରହିବ, ଏହା ଥିଲା ରିପୋର୍ଟରେ ସତର୍କ ସୂଚନା । ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି କିପରି ସେମାନଙ୍କର ଅନୁଦାନ ଦେବା ସମୟରେ ବିଭିନ୍ନ ସ ର୍ ଆରୋପିତ କରିଥାନ୍ତି ଯାହାର ପରିଣାମ ଶୁଭଙ୍କର ହୋଇ ନଥାଏ, ତାହାର ସୂଚନା ଦେଇ ଏହି ରିପୋର୍ଟରେ କୁହାଯାଇଥିଲା[୫], “୧୯୮୦ ଦଶକରେ ଆନ୍ତର୍ଜାତିକ ବି ୀୟ ସଂଗଠନଗୁଡିକ ବିକାଶଶୀଳ ଦେଶଗୁଡିକୁ ଋଣ ଦେବାବେଳେ ବେଶ ବୃଦ୍ଧି କରିଥିଲେ ଆରୋପିତ ସ ର୍ ଗୁଡ଼ିକୁ । ଏହା କରିବାରେ ଦୁଇ ବ୍ରେଟନ ଉଡସ୍ (Bretton Woods) ଅନୁଷ୍ଠାନ ଯଥା ଆଇଏମ୍ଏଫ୍ ଓ ବିଶ୍ୱ ବ୍ୟାଙ୍କ ହିଁ ବାଟ ଦେଖାଇଥିଲେ । କ୍ରସ ସ ର୍ବିଳୀ (Cross-conditionality), ଯାହା ଅନୁସାରେ ଗୋଟିଏ ଅନୁଷ୍ଠାନ ଯେଉଁ ସ ର୍ମାନ ଆରୋପିତ କରେ ଅନ୍ୟ ଅନୁଷ୍ଠାନଟି ମଧ୍ୟ ତାହା ଆରୋପିତ କରିଥାଏ, ଏବେ ଅତି

ସାଧାରଣ ହୋଇଗଲାଣି । ଏହା ଫଳରେ ବିକାଶଶୀଳ ରାଷ୍ଟ୍ରଗୁଡିକ ପାଖରେ ନିଜର ଅର୍ଥନୈତିକ ନୀତି ନିର୍ଦ୍ଧାରଣର ପ୍ରାୟ କୌଣସି ସ୍ୱାଧୀନତା ରହି ଯାଇନାହିଁ । ଯଦିଓ ଉଭୟ ଅନୁଷ୍ଠାନ ଆଫିସିକ ଭାବେ ବିକାଶୋନ୍ମୁଖୀ ସୁଧାରର ଅବଧାରଣା (concept of growth oriented adjustment)କୁ ଅନୁମୋଦନ (endorse) କରନ୍ତି, କିନ୍ତୁ ବାସ୍ତବିକତା ହେଉଛି ଯେ...୧୯୮୦ ଦଶକରେ ବିକାଶଶୀଳ ରାଷ୍ଟ୍ର ଗୁଡିକର ରାଷ୍ଟ୍ରୀୟ ନୀତି ନିର୍ଦ୍ଧାରଣରେ ସେମାନଙ୍କର ଅତ୍ୟଧିକ ସମ୍ପୃକ୍ତି ଫଳରେ ଦକ୍ଷିଣ ଗୋଲାର୍ଦ୍ଧରେ ନା ଅଭିବୃଦ୍ଧି (growth)ନା ସାମ୍ୟ (equity) କେଉଁ ଥିରେ ହେଲେ ଉନ୍ନତି ଘଟିଲା ।" କିନ୍ତୁ ବିକାଶଶୀଳ ରାଷ୍ଟ୍ରଗୁଡିକ ସେମାନଙ୍କର ବି ୀୟ ସଂକଟରୁ ମୁକୁଳିବା ପାଇଁ ଆଇଏମ୍ଏଫ୍ ଓ ବିଶ୍ୱ ବ୍ୟାଙ୍କ ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହୋଇଥାନ୍ତି ଓ ଏଥିପାଇଁ ଏହି ଅନୁଷ୍ଠାନଗୁଡିକ ଦ୍ୱାରା ପ୍ରସ୍ତାବିତ ଢାଂଚାଗତ ସୁଧାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥାନ୍ତି । ଏହାର ପରିଣତି ସମ୍ପର୍କରେ ଏହି ରିପୋର୍ଟରେ କୁହାଯାଇଛି୬, "ଏହି କାର୍ଯ୍ୟକ୍ରମଗୁଡ଼ିକ ସହିତ ସଂଯୋଗ ହୋଇଥିବା ଅତି ଦୂରଗାମୀ ସ୍ୱଭାବର କଠିନ ସ ି ଓ କର୍ମ ସମ୍ପାଦନର ମାନଦଣ୍ଡ ଅତି ଗମ୍ଭୀର ଅସ୍ଥିରତା ସୃଷ୍ଟି କରିଛି ।" କହିବା ବାହୁଲ୍ୟ ଯେ ମନମୋହନ ସିଂହ ଏହି ରିପୋର୍ଟର ଜଣେ ପ୍ରଣେତା ଭାବେ ନିଶ୍ଚିତ ଭାବେ ସମ୍ପୂର୍ଣ୍ଣ ଅବଗତ ଥିଲେ ବିଶ୍ୱ ବ୍ୟାଙ୍କ ଓ ଆଇ ଏମ୍ ଏଫ୍ ପ୍ରସ୍ତାବିତ ଢାଂଚାଗତ ସୁଧାର କାର୍ଯ୍ୟକ୍ରମ ଓ ଆରୋପିତ ସ ି ଗୁଡିକର ପ୍ରତିକୂଳ ପ୍ରଭାବ ସମ୍ପର୍କରେ । ସେ ମଧ୍ୟ ସଚେତନ ଥିଲେ ଯେ ଜିଡିପି ହାରରେ ବୃଦ୍ଧିକୁ ଅନ୍ତତଃ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କ ପାଇଁ ବିକାଶର ଏକ ନିର୍ଣ୍ଣାୟକ ସୂଚକ ଭାବେ ଗ୍ରହଣ କରାଯାଇ ନପାରେ; ଏହାଦ୍ୱାରା ଦାରିଦ୍ର୍ୟ, ଅନ୍ୟାୟ, ଦୁର୍ଦ୍ଦଶାର ନିରାକରଣ ହୋଇ ନପାରେ । ରିପୋର୍ଟର ଭାଷାରେ୭, "ଜିଡିପି ହାରରେ ବୃଦ୍ଧି ହିଁ ପ୍ରାୟ ସର୍ବଶେଷ ଲକ୍ଷ୍ୟ ହୋଇଗଲା; ସମସ୍ତ ବ୍ୟବହାରିକତାରେ ଏହା ବିକାଶର ପରିଭାଷା ହୋଇଗଲା । ଅଧିକାଂଶ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏହା ଦେଖିବାରେ ଅସମର୍ଥ ହେଲେ ଯେ ଏହି ଅଙ୍କଗୁଡ଼ିକରେ କିପରି ଲୁଚିଯାଏ ଦାରିଦ୍ର୍ୟ, ଦୁର୍ଦ୍ଦଶା ଓ ଅନ୍ୟାୟ; ଯାହାକୁ ସେମାନେ ଦୂର କରିବା ପାଇଁ ବ୍ୟାକୁଳ ହେଉଥାନ୍ତି....ଏହିଭଳି ବିକାଶର ପରିଣତି ଏବେ ସ୍ପଷ୍ଟ । ଯେପରି ଅର୍ଥନୀତି ବୃଦ୍ଧି ପାଉଛି ଓ ଶିଳ୍ପାୟନ ବଢୁଛି, ବୈଷମ୍ୟର ବିସ୍ତାର ମଧ୍ୟ ସେପରି ବୃଦ୍ଧି ପାଉଛି...ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ରମାନଙ୍କରେ ଧନୀ ଓ କ୍ଷମତାଶାଳୀମାନେ ସେହିଭଳି ଜୀବନ ଉପଭୋଗ କରୁଛନ୍ତି ଯେପରି ଉ ର ଗୋଲାର୍ଦ୍ଧର ବିକଶିତ ରାଷ୍ଟ୍ରରେ ଦେଖାଯାଏ । କିନ୍ତୁ ଜନସଂଖ୍ୟାର ଏକ ବିଶାଳ ଅଂଶର ଜୀବନଧାରଣ ମାନରେ ସେପରି କୌଣସି ଉନ୍ନତି ଘଟେ ନାହିଁ, ଯେତେବେଳେ ଅଳ୍ପ କେତେକଙ୍କ କ୍ଷେତ୍ରରେ ଏହି ଉନ୍ନତି ଦେଖା ଯାଉଥାଏ । ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁ ଥିବା ଓ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଅର୍ଥାତ୍ ନିଜର ସ୍ୱାର୍ଥ୍ୟକୁ ରକ୍ଷା କରିବା ପାଇଁ ପ୍ରାୟ ସବୁଠାରୁ କମ ସାମର୍ଥ୍ୟ ଥିବା ଗୋଷ୍ଠୀ ହେଲେ ଗରିବଙ୍କ ମଧ୍ୟରେ ସବୁଠାରୁ ସହଜରେ ପ୍ରଭାବିତ (vulnerable) ବର୍ଗ ଯେପରି ମହିଳା, ଶିଶୁ ଓ ସମାଜର ଅନ୍ୟାନ୍ୟ ବଂଚିତମାନେ ।" କହିବାବାହୁଲ୍ୟ ଯେ ମନମୋହନ ସିଂହ ଭାରତର ଅର୍ଥମନ୍ତ୍ରୀ ପଦରେ ଅଧିଷ୍ଠିତ ହେବା ପୂର୍ବରୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କର ପ୍ରସ୍ତାବିତ ଢାଂଚାଗତ ସୁଧାର କାର୍ଯ୍ୟକ୍ରମ ଓ ସେମାନଙ୍କ ଦ୍ୱାରା ଆରୋପିତ ସ ିର କୁପରିଣତି ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଅବଗତ ଥିଲେ । ଏହା ସ େ ଯେ ସେ ଏହି ସ ି ଗୁଡିକ ଦ୍ୱାରା ଭାରତୀୟ ଅର୍ଥନୀତିକୁ କବଳିତ କଲେ ତାହାଁ ହି ଥିଲା ବିଡ଼ମ୍ବନା । ଏହି ବିଡ଼ମ୍ବନା ଆହୁରି ନେତ୍ର ବିସ୍ଫାରିତ କରିଦିଏ, ଯେତେବେଳେ ଦୃଷ୍ଟିକୁ ଆସେ ଉପରୋକ୍ତ ରିପୋର୍ଟର ପ୍ରଣୟନ ସହିତ ସମ୍ପୃକ୍ତି ପୂର୍ବରୁ ସେ ଜାଣିଥିଲେ ଯେ ବାହ୍ୟିକ ଅନୁଦାନ ଉପରେ ଅତ୍ୟଧିକ ନିର୍ଭରଶୀଳତା ରାଷ୍ଟ୍ରୀୟ ନୀତି ନିର୍ଦ୍ଧାରଣର ସ୍ୱାୟ ତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ୧୯୮୩ ମସିହା ଡିସେମ୍ବର ୩୦ ତାରିଖ ଦିନ Sri Ram Memorial Lecture ବକ୍ତୃତାମାଳାରେ The Quest For Self Reliance ଶିରୋନାମାରେ ଅଭିଭାଷଣ ଦେଇ ସେ କହିଥିଲେ୮, "ଏହା ଆମେ ଜାଣି ରଖିବା ଉଚିତ ଯେ ଆନ୍ତର୍ଜାତିକ ଅନୁଦାନର ତନ୍ତ୍ର ଏକ ରାଜନୈତିକ ତନ୍ତ୍ର । ଅନୁଦାନ ଦେଉଥିବା ଅନୁଷ୍ଠାନ, ଅନୁଦାନ ଗ୍ରହଣକାରୀଠାରୁ ଅଧିକ ଶକ୍ତଶାଳୀ ସ୍ଥିତିରେ ଥାଏ ।...ଦ୍ୱିପାକ୍ଷିକ ଅନୁଦାନ ହେଉ ବା ବହୁପାକ୍ଷିକ ଅନୁଦାନ ହେଉ, ଏହା ଉପରେ ଅତ୍ୟଧିକ ନିର୍ଭରଶୀଳତା ଅନୁଦାନ ଗ୍ରହଣ କରୁଥିବା ରାଷ୍ଟ୍ରଗୁଡିକରେ ନିଷ୍ପ ି ନେବାର ସ୍ୱାୟ ତାକୁ ପ୍ରଭାବିତ କରିପାରେ ।" ତେଣୁ ରବି ବାବୁ ମନମୋହନ ସିଂହଙ୍କ ଅର୍ଥମନ୍ତ୍ରୀ ଭୂମିକାରେ ଯେଉଁ ବିଡ଼ମ୍ବନା ଲକ୍ଷ୍ୟ କରୁଥିଲେ ଓ ତାହା ପ୍ରତି ଇଙ୍ଗିତ କରୁଥିଲେ, ତାହା ଅବାସ୍ତବ ନ ଥିଲା ।

***ଓଡ଼ିଶାରେ ଜଗତୀକରଣକୁ ବିରୋଧ***

ରବିବାବୁ ଏହା ପରେ ଭୁବନେଶ୍ୱରକୁ ଆଣିଥିଲେ ଏସ୍ ପି.ଶୁକ୍ଳାଙ୍କୁ । ଏସ୍. ପି. ଶୁକ୍ଳା General Agreement on Tariffs and Trade(GATT)ରେ ଏକଦା ଭାରତରୁ ଥିଲେ ସ୍ଥାୟୀ ପ୍ରତିନିଧି । ସେ ମଧ୍ୟ ଥିଲେ ଭାରତ ସରକାରଙ୍କର ଅର୍ଥସଚିବ, ଅର୍ଥମନ୍ତ୍ରୀ ମନମୋହନ ସିଂହଙ୍କ ଅଧୀନରେ । କିନ୍ତୁ ଏହି ପଦବୀରେ ଅଳ୍ପ କେତେ ମାସ ରହିବା ପରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଦୁଇଟି ସଭା

ସେ କରିଥିଲେ ଭୁବନେଶ୍ୱରରେ, ଗୋଟିଏ ପାନ୍ଥନିବାସରେ ହୋଇଥିଲା ଓ ଆଉ ଗୋଟିଏ ସୂଚନା ଭବନରେ । ମୁଁ ଥିଲି ପାନ୍ଥନିବାସ ସଭାରେ । ସେ ବୁଝାଇ ଥିଲେ ଏହି ଯେଉଁ ସଂସ୍କାର ମନମୋହନ ସିଂହ ଆନ୍ତର୍ଜାତିକ ବି  ସଂଗଠନମାନଙ୍କର ନିର୍ଦ୍ଦେଶରେ ଆରମ୍ଭ କରିଛନ୍ତି ତାହାର ପରିଣତି କେତେ ଅହିତକର ହେବ । ସୂଚନାଭବନ ସଭାରେ ରହି ପାରି ନଥିଲି । କିନ୍ତୁ ସୂଚନା ଭବନ ସଭା ସାରି ମୋ ଅନୁରୋଧ ରକ୍ଷାକରି ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ଆୟୋଜିତ ସଭାରେ ସେ ନୂତନ ଅର୍ଥନୀତିର ପରିଣାମ ଉପରେ ନିଜର ବକ୍ତବ୍ୟ ରଖିଥିଲେ । କିନ୍ତୁ ଏହି ସଭାଗୁଡିକ ପୂର୍ବରୁ କଟକର ଗୁଣନିଧି ଭବନରେ ଡଃ କୁଳମଣି ମହାପାତ୍ରଙ୍କର ଆବାହକତ୍ୱରେ ଓ ମନମୋହନ ଚୌଧୁରୀଙ୍କର ସଭାପତିତ୍ୱରେ ସମ୍ଭବତଃ ୧୯୯୧ ମସିହା ଅଗଷ୍ଟ ମାସ ଏକ ଆଲୋଚନା ଏହି ପ୍ରସଙ୍ଗ ଉପରେ ହୋଇଥିଲା । ସାରା ଓଡ଼ିଶାରୁ ବହୁ ବ୍ୟକ୍ତି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କିଶନ ପଟ୍ଟନାୟକ ମଧ୍ୟ ଏଥିରେ ଥିଲେ । ମୁଁ କୁଳମଣି ମହାପାତ୍ର, କିଶନ ପଟ୍ଟନାୟକ ଆଦିଙ୍କ ନାମ ଉଲ୍ଲେଖ କରିବାର କାରଣ ହେଉଛି ଏ ଦୁହେଁ ରବି ବାବୁଙ୍କର ସମରାଜନୈତିକ ବିଚାରର ବ୍ୟକ୍ତି ଓ ତାଙ୍କର ସହଯୋଗୀ ଥିଲେ । ବୋଧହୁଏ ଏହି ସଭା ସାରାଭାରତରେ ମନମୋହନ ସଂହଙ୍କର ପ୍ରସ୍ତାବିତ ଅର୍ଥନୀତି ଉପରେ ପ୍ରଥମ ସମାଲୋଚନା ସଭା ହୋଇଥିବ । ତା'ପରେ ଡଙ୍କେଲ ଡ୍ରାଫ୍ଟ ବିରୋଧରେ ଭୁବନେଶ୍ୱରରେ ଶୋଭାଯାତ୍ରା, ଆଇଏମ୍ଏଫ୍, ୱାର୍ଲ୍ଡ ବ୍ୟାଙ୍କ ଭଳି ଆଉ ଏକ ଆନ୍ତର୍ଜାତିକ ସଂଗଠନର ଗଠନକୁ ବିରୋଧ ଆଦି ଓଡ଼ିଶା ମାଟିରେ ନବେ ଦଶକର ପ୍ରଥମ ପାଂଚବର୍ଷରେ ବେଶ୍ ଦେଖାଯାଇଥିଲା । ରାଜନୈତିକ ମହଲରେ ବିରୋଧୀ ରାଜନୈତିକ ଦଳମାନଙ୍କରେ ଯେଉଁ ବିରୋଧ ହେଉଥିଲା ସେଥିରେ ବିଶେଷ ଆନ୍ତରିକତା ଥିବା ପରି ମନେ ହେଉନଥିଲା । ବରଂ ଅନେକଙ୍କ ମନରେ ସନ୍ଦେହ ଥିଲା ଯେ ଏହି ବିରୋଧୀମାନେ ଯେତେବେଳେ କ୍ଷମତାକୁ ଆସିବେ ସେମାନେ ମଧ୍ୟ ଏହି ଅର୍ଥନୀତିକୁ କାର୍ଯ୍ୟକାରୀ କରିବେ । ଏହିଭଳି ପରିବେଶରେ ରବି ରାୟ, କିଶନ ପଟ୍ଟନାୟକଙ୍କ ଭଳି ରାଜନୈତିକ ବ୍ୟକ୍ତିମାନଙ୍କର ବିରୋଧ ବେଶ୍ ଆନ୍ତରିକ ଲାଗୁଥିଲା । ପରେ ଏହା ପ୍ରମାଣିତ ମଧ୍ୟ ହେଲା । ରବି ରାୟ, କିଶନ ପଟ୍ଟନାୟକ ସେମାନଙ୍କର ବିରୋଧ ଶେଷ ପର୍ଯ୍ୟନ୍ତ ଜାରି ରଖିଲେ ।

***<u>ରାଜନୈତିକ ଦଳଗୁଡ଼ିକର ଭୂମିକା</u>***

ଭାରତର ସବୁ ମୁଖ୍ୟଧାରାର ରାଜନୈତିକ ଦଳଗୁଡ଼ିକ ମନମୋହନ ସିଂହ ଆରମ୍ଭ କରିଥିବା ନୂତନ ଅର୍ଥନୀତି ଅର୍ଥାତ୍ ବଜାର ଅର୍ଥନୀତିକୁ ଗ୍ରହଣ କରିନେଲେ । ମନମୋହନ ସିଂହଙ୍କ ପୂର୍ବରୁ ଚନ୍ଦ୍ରଶେଖର ମନ୍ତ୍ରିମଣ୍ଡଳରେ ଓ ପରେ ଅଟଳ ବିହାରୀଙ୍କ ମନ୍ତ୍ରିମଣ୍ଡଳରେ ବି  ମନ୍ତ୍ରୀ ଯଶୱନ୍ତ ସିହ୍ନା ତ ଦାବି କରନ୍ତି ଯେ ଯାହା ମନମୋହନ ସିଂହ କରି ଶ୍ରେୟ ନେଇଗଲେ, ତାହାର ଶ୍ରେୟ ତାଙ୍କ ପାଖକୁ ଆସିଥାନ୍ତା ଯଦି ଚନ୍ଦ୍ରଶେଖରଙ୍କ ସରକାରରେ ତାଙ୍କୁ ପୂର୍ଣ୍ଣ ବଜେଟ ଉପସ୍ଥାପନର ସୁଯୋଗ ମିଳିଥାନ୍ତା । ଉପରନ୍ତୁ ଯଶୱନ୍ତ ସିହ୍ନା ମନମୋହନ ସିଂହଙ୍କ ଅପେକ୍ଷା ନୂତନ ଅର୍ଥନୀତି ପ୍ରତି ଅଧିକ ଅନୁଗତ ଥିଲେ ବୋଲି ମନେ ହୁଏ ଯେତେବେଳେ ସେ କୁହନ୍ତି, "ମୁଁ ମନମୋହନ ସିଂହଙ୍କ ସହ ଶତ ପ୍ରତିଶତ ରାଜି ହୋଇପାରୁ ନାହିଁ ଯେ କେବଳ ସଂକଟ ସମୟରେ ହିଁ ଆମକୁ କାର୍ଯ୍ୟ କରିବାକୁ ହେବ । ଅଟଳବିହାରୀ ବାଜପେୟୀଙ୍କ ସମୟରେ ସଂସ୍କାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ସଂକଟର ଅପେକ୍ଷା ହେଉ ନଥିଲା, ଏହା ଥିଲା ସ୍ୱଂୟକ୍ରିୟ ।" ଆଜି କୌଣସି ରାଜନୈତିକ ଦଳ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣକୁ ପ୍ରଶ୍ନ କରେ ନାହିଁ । ଯେତେବେଳେ ଏହି ପର୍ଯ୍ୟାୟ ଆରମ୍ଭ ହେଲା ସେତେବେଳେ ପ୍ରଚାର କରାଗଲା ଏହାର  ବିକଳ୍ପ ନାହିଁ, ଟିନା (TINA) ସିଣ୍ଡ୍ରୋମ (Syndrome) । ଆଜି ଆଉ କେହି ଏହି ସିଣ୍ଡ୍ରୋମ ବିଷୟରେ ଉଲ୍ଲେଖ କରିବାର ଆବଶ୍ୟକତା ଅନୁଭବ କରେ ନାହିଁ । ସତେ ଯେପରି ଏହା ହିଁ ହେଉଛି ଆମର ସ୍ୱାଭାବିକ ଅର୍ଥନୀତି ଓ ଏହାରି ଭିତରେ ହିଁ ଆମକୁ ଚଳିବାକୁ ହେବ । ଯଦିଓ ଏହାର କୁପ୍ରଭାବ ଲୋକଙ୍କ ଜୀବନ ଉପରେ ପଡିବା ଜଣାପଡିଲାଣି । ୨୦୦୫ରେ ପ୍ରକାଶିତ 'ଅନ୍ୱେଷାର ଆକାଶ'ରେ ରବି ବାବୁ କହୁଛନ୍ତି (ପୃ ୧୨୨), "ଦେଶରେ ଉଦାରୀକରଣ, ଘରୋଇକରଣ, ଓ ଜଗତୀକରଣ ଇତ୍ୟାଦି ନାମରେ ଦୀର୍ଘ ୧୦ବର୍ଷ ହେଲା ଯେଉଁ ଚକ୍ରାନ୍ତ ଚାଲିଛି, ତା' ଦ୍ୱାରା ଦେଶର ଗରିବ ଗୁରୁବା ଏବଂ ବିଶେଷ କରି ଯୁବସମାଜ ଯେପରି ତଳିତଳାନ୍ତ ହେଲାଣି ସେ କଥା କାହାରିକୁ ଅଛପା ନାହିଁ । କେନ୍ଦ୍ର ତଥା ରାଜ୍ୟମାନଙ୍କରେ ଯେଉଁ ଦଳ ସରକାରରେ ଥାଉନା ପଛକେ, ସେମାନେ ସାଧାରଣ ଲୋକଙ୍କ ଭାତ ପତ୍ରରେ ଧୂଳି ଦେଇ ସରକାରର ନୂତନ ଆର୍ଥିକନୀତି ଆଳରେ  କେବଳ ନବ୍ୟସାମ୍ରାଜ୍ୟବାଦ ନୀତିକୁ ପ୍ରୋତ୍ସାହନ ଦେବା ଛଡ଼ା ସେମାନଙ୍କର ଅନ୍ୟ ଗତ୍ୟନ୍ତର ନାହିଁ। କେବଳ ବାମପନ୍ଥୀ ଶକ୍ତିମାନେ ହୁଏତ ଏହାର ବ୍ୟତିକ୍ରମ ହୋଇପାରନ୍ତି । (*ନନ୍ଦିଗ୍ରାମ, ସିଂଗୁରରେ ସିପିଏମ୍ ସରକାର ଯେପରି ଦମନ ଲୀଳା ଚଳାଇଲେ ଯାହାର ଦୁଃଖଦଃ ପରିଣତି  (୨୦୦୭, ୧୪ମାର୍ଚ୍ଚରେ ୧୪ ବିକ୍ଷୋଭକାରୀଙ୍କର ମୃତ୍ୟୁ) ସାରା ବିଶ୍ୱକୁ ଚକିତ କରିଦେଲା , ଏହା ପରେ* 'ଅନ୍ୱେଷାର ଆକାଶ' ପ୍ରକାଶିତ

ହୋଇଥିଲେ *ରବିବାବୁ ହୁଏତ ଏହି ଧାଡିଟିକୁ ଲେଖି ନଥାନ୍ତେ -ଲେ* ।) ସାରା ଦେଶରେ ଯେ ପର୍ଯ୍ୟନ୍ତ ଚାଷୀମୂଲିଆ ଶ୍ରମିକ ଯୁବକ ଓ ସର୍ବୋପରି ନାରୀସମାଜ ଏହା ବିରୁଦ୍ଧରେ ସଂଗଠିତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଦେଶ ରସାତଳଗାମୀ ହେବା ଅତି ସ୍ୱାଭାବିକ ।"

***ସ୍ୱାସ୍ଥ୍ୟବ୍ୟବସ୍ଥା ଓ ଜଗତୀକରଣ***

ଆଉ ଏକ ସ୍ଥାନରେ ରବି ରାୟ ଉଦାରୀକରଣର ଭୟଙ୍କର ପରିଣତିର ଏକ ଚିତ୍ର ଉପସ୍ଥାପନ କରନ୍ତି ଯେତେବେଳେ ସେ ଲେଖନ୍ତି[୧୦], "ଭାରତବର୍ଷରେ ଉଦାରୀକରଣକୁ କାର୍ଯ୍ୟକାରୀ କରିବା ଦୃଷ୍ଟିରୁ ଭାରତ ସରକାର ୧୯୭୦ ପେଟେ   କାନୁନକୁ ପରିବ ର୍ନ କରିବା ପାଇଁ ବଦ୍ଧପରିକର ବୋଲି ଭାରତ ସରକାରଙ୍କ ବ ର୍ମାନର ବାଣିଜ୍ୟ ବିଭାଗ ମନ୍ତ୍ରୀ କମଲନାଥଙ୍କ ବିବୃ ିରୁ ସ୍ପଷ୍ଟ ହୋଇସାରିଛି । ଦେଶରେ ଜନସାଧାରଣଙ୍କ ପକ୍ଷରୁ ପ୍ରବଳ ପ୍ରତିରୋଧ ନହେଲେ, ସରକାର ୨୦୦୫ ବଜେଟ ଅଧିବେଶନରେ ଏହାକୁ ପାସ୍ କରାଇବା ପାଇଁ ବଦ୍ଧ ପରିକର ହୋଇଛନ୍ତି । ଏହାର ଭୟଙ୍କର ପରିଣତି ଅଗ୍ରେ ଧାବତି ଧାବତି । ଏହା ଫଳରେ ଜୀବନ ଉପଯୋଗୀ ଔଷଧର ଦାମ ହୁ ହୁ ହୋଇ ବଢ଼ିବା ଅବଶ୍ୟମ୍ଭାବୀ । ସାଧାରଣ ଲୋକ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ଯଥା- ହଇଜା, ମାଲେରିଆ, ଏଡସ୍ ପ୍ରଭୃତିର ସାଧାରଣ ଔଷଧ-ଯାହାର ଦାମ ଆକାଶଛୁଆଁ ହୋଇଯିବ-କିଣିବାରୁ ବଂଚିତ ହୋଇ ଶହ ଶହ ସଂଖ୍ୟାରେ ମୃତ୍ୟୁବରଣ କରିବେ । ମହାମାରୀ ହେତୁ ଦେଶ ମଶାଣିରେ ପରିଣତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହାକୁ ଜନସାଧାରଣ କ'ଣ ମୁଣ୍ଡପାତି ସହିନେବେ?" ତାହାହେଲେ କିପରି ଏହି ଜନସାଧାରଣମାନେ ବିରୋଧ କରିବେ? ରବି ବାବୁଙ୍କ ପରାମର୍ଶ ହେଉଛି[୧୧], "...ଉଦାରୀକରଣର କୁଫଳ ବିରୁଦ୍ଧରେ ଗାନ୍ଧୀ ପ୍ରଦର୍ଶିତ ଅହିଂସାତ୍ମକ ପନ୍ଥାରେ ଆନ୍ଦୋଳନ ଆରମ୍ଭ କରିବା ଉଚିତ । ଉଦାରୀକରଣର ଭୟଙ୍କର ପରିଣାମରୁ ମୁକ୍ତିର ମାର୍ଗ କେବଳ ସତ୍ୟାଗ୍ରହ ଓ ଅସହଯୋଗ ମାଧ୍ୟମରେ ହିଁ ମିଳିବ ।" ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱରେ ଏକଦା କେନ୍ଦ୍ର ମନ୍ତ୍ରୀ ଥିବା ରବି ରାୟ ଖୁବ ନିକଟରୁ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦେଖିଥିଲେ ଓ ଏହି ସେବା ସାଧାରଣ ଲୋକଙ୍କୁ ସୁଲଭ୍ୟ ହେବାର ଅପରିହାର୍ଯ୍ୟତାକୁ ସେ ଉପଲବ୍ଧି କରିଥିଲେ । ତେଣୁ ଔଷଧ ପତ୍ରର ଦର ବଢ଼ିଲେ, ଯାହା ଉଦାରୀକରଣରେ ପର୍ଯ୍ୟାୟରେ ଅବଶ୍ୟମ୍ଭାବୀ ବୋଲି ସେ ନିଶ୍ଚିତ ଥିଲେ, ସେ ଦେଖି ପାରୁଥିଲେ କିପରି ସାଧାରଣ ଲୋକ ପାଇଁ ସ୍ୱାସ୍ଥ୍ୟସେବା ପାଇବା ଦୁରୁହ ହୋଇପଡ଼ିବ । କେବଳ ସେତିକି ନୁହେଁ ମେଡିକାଲ ପଢ଼ା ମଧ୍ୟ ବ୍ୟୟବହୁଳ ହେବା ଉଚିତ ନୁହେଁ ଏହା ଉପରେ ମଧ୍ୟ ତାଙ୍କର ନଜର ଥିଲା । ସେ ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବାବେଳେ ରାଜ୍ୟ ସରକାରଙ୍କ ଠାରୁ ସ ର୍  ଲୋଡ଼ୁ ଥିଲେ ଯେ ମେଡିକାଲ ପଢିବା ପାଇଁ କ୍ୟାପିଟେସନ ଫି ଦାବି କରାଯିବ ନାହିଁ । ଏହି ସ ର୍ରେ ସ୍ୱାକ୍ଷର ନକଲେ ସେ ମେଡିକାଲ କଲେଜକୁ ଅନୁମୋଦନ କରୁନଥିଲେ । କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏକ ଡେ ାଲ କଲେଜ ଏହି ସ ର୍କୁ ପାଳନ କରିବାର ପ୍ରତିଶୃତି ଦେଲାପରେ ସେହି କଲେଜକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ରବି ରାୟ ସ୍ୱୀକୃତି ଦେଇଥିଲେ ଓ ଏହାର ଉଦ୍‌ଘାଟନ ମଧ୍ୟ କରିଥିଲେ । କିନ୍ତୁ ଏହା ଯେ କାଏମ ରହି ପାରି ନାହିଁ ତାହା ଉପରେ କ୍ଷୋଭ ବ୍ୟକ୍ତ କରି ରବି ବାବୁ ଲେଖନ୍ତି[୧୨], "ଏହି ଘଟଣାର ୧୦/୧୫ ପନ୍ଦର ବର୍ଷ ପରେ ମୁଁ ପୁନର୍ବାର ଜାଣିବାକୁ ପାଇଲି ଯେ କର୍ଣ୍ଣାଟକ ରାଜ୍ୟରେ ସବୁଠାରୁ ଅଧିକ କ୍ୟାପିଟେସନ ଫି ନେଇ ପିଲାଙ୍କୁ ଆଡମିଶନ କରାଯାଉଛି ଏବଂ ବେସରକାରୀ ଲୋକଙ୍କ ଉଦ୍ୟମରେ ରାଜ୍ୟରେ ଛତୁଫୁଟିବା ଭଳି ମେଡିକାଲ ଓ ଇଂଜିନିଅରିଂ କଲେଜମାନ ଗଢ଼ି ଉଠୁଛି । ଦେଶରେ ଏ ଯେଉଁ ବ୍ୟଭିଚାର ଚାଲିଛି ତାର କ'ଣ ଅନ୍ତ ନାହିଁ ।" ବୈଷୟିକ ପାଠ ପଢିବା ପାଇଁ କ୍ୟାପିଟେସନ ଫି ନିଆଯିବାକୁ ବ୍ୟଭିଚାର ବୋଲି ଭାବୁଥିଲେ । ମଧ୍ୟପ୍ରଦେଶରେ ବ୍ୟାପମ୍ (ବ୍ୟବସାୟିକ ପରୀକ୍ଷାମଣ୍ଡଳ ଇଂରାଜୀ ନାଁ ହେଉଛି Professional Examination Board) ଦୁର୍ନୀତି ଯାହା ଉପରେ ଏଇ ଦୁଇଦିନ ତଳେ ସିବିଆଇ ତାର ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି ତାହା ଦର୍ଶାଉଛି ଯେ ଏହି ବ୍ୟଭିଚାର କେଉଁ ସ୍ତରରେ ପହଂଚିଛି,  ୫୯୨ ଅଭିଯୁକ୍ତ[୧୩],  ତଦନ୍ତ ବେଳେ ୪୮/୪୯ ମୃତ ଯାହା ଭିତରେ ଅଛନ୍ତି ଜଣେ ରାଜ୍ୟପାଳଙ୍କ ପୁଅ, ଚାରୋଟି ଘରୋଇ ମେଡିକାଲ କଲେଜର ଅଧିକାରୀ ଇତ୍ୟାଦି । ଘରୋଇ ମେଡିକାଲ କଲେଜର ସ୍ୱୀକୃତିକୁ ନେଇ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଅବସରପ୍ରାପ୍ତ ବିଚାରପତି ସିବିଆଇ ଦ୍ୱାରା ଗିରଫ ହେବା[୧୪] ମଧ୍ୟ ଦର୍ଶାଇ ଦେଉଛି ବ୍ୟଭିଚାର କେଉଁ ସ୍ତରରେ ପହଂଚିଛି । ତେଣୁ ରବି ବାବୁଙ୍କର ଚିନ୍ତା ଭି ିହୀନ ନ ଥିଲା । ଏପରି ବ୍ୟବସ୍ଥା ଭିତରେ କିପରି ଜଣେ ଅସହାୟ ହୁଏ ତାହାର ଏକ ମର୍ମସ୍ପର୍ଶୀ ବିବରଣୀ ରବି ବାବୁଙ୍କ ଠାରୁ ମିଳେ । ଆଉ ଏହି ଅସହାୟ ବ୍ୟକ୍ତିଜଣକ ହେଉଛନ୍ତି ନୀଲମ ସଂଜୀବ ରେଡ୍ଡି ଯିଏ ଏକଦା ଲୋକସଭା ବାଚସ୍ପତି ଥିଲେ ଓ ଭାରତର ରାଷ୍ଟ୍ରପତି ମଧ୍ୟ ଥିଲେ । ରବି ବାବୁ ଲେଖନ୍ତି[୧୫], "ଲୋକସଭାର ସ୍ପିକର ଥିବା ସମୟରେ ମୁଁ ମୋ ସ୍ତ୍ରୀଙ୍କ ସହିତ ଥରେ କର୍ଣ୍ଣାଟକ ଗସ୍ତରେ ଯାଇଥିଲି । ସେତେବେଳକୁ ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀ ସଂଜୀବ ରେଡ୍ଡୀ କର୍ଣ୍ଣାଟକର ବାଙ୍ଗାଲୋରରେ ରହୁଥାନ୍ତି ।.... ଆମେ ଦୁହେଁ ଶ୍ରୀଯୁକ୍ତ ରେଡ୍ଡିଙ୍କୁ ଭେଟିବା ଲାଗି ତାଙ୍କ ବାଙ୍ଗାଲୋରସ୍ଥିତ ବାସ ଭବନକୁ ଗଲୁ ।... ତେବେ ତାଙ୍କ ଆଳାପ

ଆଲୋଚନା ମଧ୍ୟରେ ସେ ଏପରି ଏକ ବାସ୍ତବ ସତ୍ୟ ଘଟଣା ଆମ ଆଗରେ ବଖାଣିଲେ ଯାହା ଶୁଣି ମୁଁ ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥିଲି । ସେ ଭାରତର ପୂର୍ବତନ ରାଷ୍ଟ୍ରପତି ହୋଇ ମଧ୍ୟ ତାଙ୍କ ନାତିର ନାମଲେଖା ପାଇଁ ତାଙ୍କୁ କିପରି କ୍ୟାପିଟେସନ ଫି (ଅନ୍ୟ ଅର୍ଥରେ ଯାହାକୁ ଲାଂଚ କୁହାଯିବ) ଦେବାକୁ ପଡିଥିଲା ଏବଂ ଉକ୍ତ ବିଷୟ ମନ୍ତ୍ରୀମାନଙ୍କ କାନରେ ପଡ଼ିଥିଲେ ମଧ୍ୟ ସେମାନେ କିପରି ଏହାର କୌଣସି ପ୍ରତିକାର କରି ନ ଥିଲେ ସେହି ବିଷୟ ସେ ଆମଆଗରେ ଅତ୍ୟନ୍ତ ଭାବପ୍ରବଣ ହୋଇ କହି ପକାଇଥିଲେ । ବାସ୍ତବିକ ମୁଁ ସେଦିନ ଭାରତବର୍ଷର ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ଏପରି ଦୁର୍ଦ୍ଦଶା ଦେଖି ଯେତିକି ଦୁଃଖିତ ହୋଇଥିଲି, ଭାରତବର୍ଷର ଭବିଷ୍ୟତ ପିଢ଼ି ଓ ତାଙ୍କର ଶିକ୍ଷା ନେଇ ତା' ଠାରୁ ଅଧିକ ଆତଙ୍କିତ ହୋଇପଡିଥିଲି ।" ଏବେ ତ  କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିଚାରପତି ଓ ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନେ ଯେଉଁ ଆଗ୍ରହର ସହ ଘରୋଇ ଶିକ୍ଷାନୁଷ୍ଠାନକୁ ଯାଉଛନ୍ତି ଓ ଏହି ଅନୁଷ୍ଠାନଗୁଡିକୁ ବୈଧତା (Legitimacy) ଦେଉଛନ୍ତି ତାହା ଦେଖିଲେ ଏହି ବ୍ୟକ୍ତିମାନେ ଶିକ୍ଷା ବ୍ୟୟବହୁଳ ହେବାକୁ ଖାତିର କରିବା ମନେହୁଏ ନାହିଁ ।

***<u>ଶିକ୍ଷା ବ୍ୟବସ୍ଥା ଓ ଜଗତୀକରଣ</u>***

ଶିକ୍ଷାର ଘରୋଇକରଣ ରବିବାବୁଙ୍କର ଚିନ୍ତା କାରଣ ହୋଇଥିଲା । ସେ ଅତ୍ୟନ୍ତ ଚିନ୍ତିତ ହୋଇପଡିଥିଲେ ଏହା ଜାଣି ଯେ ସରକାରଙ୍କ ନିର୍ଦ୍ଦେଶରେ ଶିଳ୍ପପତି କୁମାର ମଙ୍ଗଳମ୍ ବିରଳା ଓ ମୁକେଶ ଅମ୍ବାନୀ ଶିକ୍ଷା ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିଛନ୍ତି । ସେତେବେଳେ ଏନଡିଏ ସରକାର ଥିଲା ଓ ପ୍ରଧାନମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ । ତାଙ୍କ ଭାଷାରେ[୧୬], "ଏଇହେଉଛି ଏ ଦେଶର ଅବସ୍ଥା । ପୂର୍ବରୁ ଯେତେ ସରକାର ଥିଲେ ସେମାନେ ଶିକ୍ଷା ସଂସ୍କାର ପାଇଁ ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ପରାମର୍ଶ କରୁଥିଲେ । ଯେପରିକି,ଡଃ କୋଠାରୀ । ଆମେ କୋଠାରୀ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସରକାର ଉପରେ ଚାପ ଦେଇଥିଲୁ । ସେଥିପାଇଁ ଆନ୍ଦୋଳନ ମଧ୍ୟ କରିଥିଲୁ । ଦେଶ ଆଜି ଆସି ଏଇଠି ପହଂଚିଲା ଯେ ଦୁଇଜଣ ଯୁବ ଶିଳ୍ପପତି-ଯିଏ କି ଶିକ୍ଷା ଦର୍ଶନ କି ଶିକ୍ଷାନୀତି ସମ୍ପର୍କରେ ଶ୍ରୀଅକ୍ଷର ବିବର୍ଜିତ-ତାଙ୍କୁ ଦାୟିତ୍ୱ ଦେଇଛନ୍ତି ଏ ଦେଶର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ । ସେ ରିପୋର୍ଟ ବାହାରିବା ପରେ ଶିକ୍ଷା ବ୍ୟବସ୍ଥା କ'ଣ ହେବ ଲକ୍ଷ୍ୟ କରିବା କଥା ।" ଉକ୍ତ ବିରଳା-ଅମ୍ବାନୀ ରିପୋର୍ଟର ଶିରୋନାମା ହେଉଛି REPORT ON A POLICY FRAME WORK FOR REFORMS IN EDUCATION । କାହା ନିର୍ଦ୍ଦେଶରେ ଏହାର ପ୍ରସ୍ତୁତି ହୋଇଥିଲା ? ତାହାହେଉଛି ଭାରତ ସରକାରଙ୍କର `PRIME MINISTER'S COUNCIL ON TRADE AND INDUSTRY ଅନ୍ତର୍ଗତ Special Subject Group on Policy Framework for Private Investment in Education, Health and Rural Development । ଲକ୍ଷ୍ୟ କରିବାର କଥା ଯେ ପ୍ରଧାନମନ୍ତ୍ରୀଙ୍କର ବ୍ୟାପାର ଓ ଉଦ୍ୟୋଗ କାଉନ୍ସିଲ ତରଫରୁ ନିଯୁକ୍ତ ଏକ Special Subject Group ଦ୍ୱାରା ପ୍ରସ୍ତୁତ ହେଉଥିଲା ଘରୋଇ ନିବେଶପାଇଁ ଅନୁକୂଳ ଶିକ୍ଷା ନୀତିର ଢାଂଚା । ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିଲା ୨୦୦୦ ମସିହା ଏପ୍ରିଲ ମାସରେ, ଆଜକୁ ୧୭ବର୍ଷ ତଳେ । ଶିକ୍ଷାରେ କି ପ୍ରକାର ସଂସ୍କାର ଆଣିଲେ ଏହା ଘରୋଇ ପୁଂଜି ପାଇଁ ଆକର୍ଷଣୀୟ ହେବ, ତାହାର ହିଁ ଏକ ରୂପରେଖ ଦେଉଥିଲେ ଦୁଇ ଯୁବ ଶିଳ୍ପପତି ଓ ସୁପାରିଶ ଥିଲା- (୧) ବିଶ୍ୱବିଦ୍ୟାଳୟକୁ ଆର୍ଥିକ ଅନୁଦାନ କ୍ରମଶଃ ହ୍ରାସ କର ଏବଂ ଆତ୍ମନିର୍ଭରଶୀଳତାର ବାଟ ଧରିବା ପାଇଁ ସେମାନଙ୍କୁ କୁହ (୨) ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ମ୍ୟାନେଜମେ  ଓ ଫାଇନାନ୍ସ ବିଷୟରେ ଶିକ୍ଷାଦାନ ପାଇଁ ଘରୋଇ ବିଶ୍ୱବିଦ୍ୟାଳୟ ଆଇନର ପ୍ରଣୟନ କରି ନୂତନ ଘରୋଇ ବିଶ୍ୱବିଦ୍ୟାଳୟର ସ୍ଥାପନାକୁ ଉତ୍ସାହିତ କର (୩)ଶିକ୍ଷାରେ ବିଦେଶୀ ପୁଂଜିନିବେଶକୁ ଅନୁମତି ଦିଅ । ଆରମ୍ଭରେ ଏହାକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ହିଁ କେବଳ କରାଯାଉ । ଅର୍ଥାତ୍ ଉଚ୍ଚ ଶିକ୍ଷାକୁ ସରକାରୀ ଅନୁଦାନରୁ କ୍ରମଶଃ ବଂଚିତ କରିବାର ଏହି ସୁପାରିଶ । ଆଜି ଯେତେବେଳେ ସାରା ଭାରତରେ ଉଚ୍ଚଶିକ୍ଷାର ଦୁର୍ଦ୍ଦଶା ପ୍ରସାରିତ ହେବାର  ଆମେ ଦେଖୁଛୁ (NDTV Prime Time by Ravish Kumar *ଶ୍ରେଣୀରେ ନାହାନ୍ତି ଗୁରୁ ଭାରତ ହେବ ପରା ବିଶ୍ୱଗୁରୁ ), ଦେଖୁଛୁ କିପରି ୟୁଜିସିର ବଜେଟରେ ପ୍ରାୟ ୫୫% ହ୍ରାସ ହୋଇଛି, ୨୦୧୫-୧୬ରେ ଅନୁଦାନର ପରିମାଣ ୯୩୧୫.୪୫ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଥିବାବେଳେ, ୨୦୧୬-୧୭ରେ ଏହି ପରିମାଣ ୪୨୮୬.୯୪ କୋଟି ଟଙ୍କାକୁ ହ୍ରାସ ପାଇଛି[୧୭], ସେତେବେଳେ ମନେ ହେଉ ନାହିଁ କି ଅମ୍ବାନୀ-ବିରଳା ରିପୋର୍ଟରେ ଉଲ୍ଲିଖିତ ସୁପାରିଶଗୁଡିକୁ ହିଁ କାର୍ଯ୍ୟକାରୀ ହେଉଛି ? ମୁକେଶ ଅମ୍ବାନୀ କିଏ ପରିଚୟ କରାଇଦେବାର ଆବଶ୍ୟକତା ନାହିଁ । ଭାରତର ସର୍ବୋଚ୍ଚ ଧନୀ, ସବୁଠାରୁ ଉଚ୍ଚ ବାସଗୃହର (୨୭ ମହଲାର) ମାଲିକ ହେଉଛନ୍ତି ମୁକେଶ ଅମ୍ବାନୀ ଯାହାଙ୍କର ରାଜନୈତିକ ଦଳ ଗୁଡିକ ଉପରେ ଅଖଣ୍ଡ ପ୍ରଭାବ, ଗଣମାଧ୍ୟମର ଏକ ବିଶାଳ ଅଂଶଉପରେ ତାଙ୍କର କ ର୍ତୃତ୍ୱ ।  ଆଜି ଉଚ୍ଚଶିକ୍ଷା ଉପରେ Federation of Indian Chambers of Commerce and Industry (FICCI) ଆଲୋଚନା ପ୍ରତ୍ୟେକ ବର୍ଷ କରୁଛି ।

ଏହି ଅନୁଷ୍ଠାନର ଦୃଷ୍ଟିରେ ଉଚ୍ଚଶିକ୍ଷା ହେଉଛି ଏକ ଶିଳ୍ପ (Indian Higher Education Industry) । ତେଣୁ ସ୍ୱାଭାବିକ ଏହାର ସରକାରୀ ସହଯୋଗୀ ହେଉଛି Ministry of Commerce and Industry, Government of India.

***ଜୋସେଫ ଷ୍ଟିଗଲିଜ୍ ଓ ଜଗତୀକରଣ***

ରବିବାବୁ ବା ତାଙ୍କ ଭଳି ଆଉ କିଛି ବ୍ୟକ୍ତି (ଯେଉଁମାନେ ପେଶାଦାର ଅର୍ଥନୀତିଜ୍ଞ ନ ଥିଲେ) ଯେତେବେଳେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣକୁ ପ୍ରଶ୍ନ କରୁଥିଲେ ସେତେବେଳେ ଅନେକେ କହୁଥିଲେ ମନମୋହନ ସିଂହ ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞ ଓ ସଚ୍ଚୋଟ ବ୍ୟକ୍ତି ସେ କ'ଣ ଭୁଲ କରୁଛନ୍ତି ? ସେ କ'ଣ ଜାଣନ୍ତି ନାହିଁ ଏହାର କୁପରିଣତି ବିଷୟରେ ? ସପକ୍ଷବାଦୀମାନେ ଏହା କହି ପ୍ରଶ୍ନ କରୁଥିବା ଲୋକମାନଙ୍କୁ ନୀରବ କରାଇବାର ଚେଷ୍ଟା କରୁଥିଲେ, ବେଳେବେଳେ ବିଦ୍ରୁପାତ୍ମକ ଭାଷାରେ । କିନ୍ତୁ ଯେତେବେଳେ ଅର୍ଥନୀତିରେ ନୋବେଲ ପ୍ରାଇଜ (୨୦୦୧) ବିଜେତା Joseph Stiglitz ଲେଖିଲେ ପୁସ୍ତକ (୨୦୦୨ରେ ପ୍ରକାଶିତ, ଭାରତୀୟ ସଂସ୍କରଣ ୨୦୦୩ରେ ପ୍ରକାଶିତ) Globalization and its discontents ଓ ସେଥିରେ ଦର୍ଶାଇଲେ ଯେ Globalization ପ୍ରକ୍ରିୟାକୁ ଯେଉଁ ତିନୋଟି ସଂଗଠନ ଚଳାନ୍ତି ସେମାନେ ହେଲେ IMF, World Bank, WTO। ଯେଉଁ ଦେଶମାନଙ୍କରେ ଏମାନଙ୍କର ପ୍ରବେଶ ହୋଇଛି ସେହି ଦେଶଗୁଡିକରେ ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ଯାହାର ଆନୁଷଙ୍ଗିକ ପ୍ରକ୍ରିୟା ଦୁଇଟି ହେଲା ଉଦାରୀକରଣ ଓ ଘରୋଇକରଣ । ବଜାର ଅର୍ଥନୀତିର ସ୍ଥାପନା ହିଁ ଏହି ପ୍ରକ୍ରିୟାର ମୂଳ ଲକ୍ଷ୍ୟ । ଏହାର ପରିଣତି କ'ଣ ହୋଇଛି ତାହା Stiglitz ମହାଶୟଙ୍କ ଶବ୍ଦରେ[୮], "ଏହା ସ୍ପଷ୍ଟ ଯେ ଆଇ ଏମ୍ ଏଫ୍ ତାହାର ମିଶନରେ ଅସଫଳ ହୋଇଛି । ଯାହା ଏ ସଂଗଠନ କରିବା କଥା, ଯେପରି ଅର୍ଥନୈତିକ ଦୃଷ୍ଟିରୁ ନିମ୍ନଗାମୀ ହେଉଥିବା ରାଷ୍ଟ୍ରଗୁଡିକୁ ଅର୍ଥ ସାହାଯ୍ୟ କରିବା, ସେମାନଙ୍କୁ ପୂର୍ଣ୍ଣ ରୋଜଗାରର ନିକଟବର୍ତ୍ତୀ ହେବାପାଇଁ ସମର୍ଥ କରାଇବା, ତାହା ହୋଇପାରିନାହିଁ । ...ବରଂ ସ୍ଥିତି ଆହୁରି ଖରାପ ହୋଇଛି, ଆଇଏମ୍ଏଫ୍ ଆରୋପିତ ଅନେକ ଗୁଡିଏ ନୀତି, ବିଶେଷତଃ, ଅବିକଶିତ ପୁଂଜି ବଜାରର ଉଦାରୀକରଣ, ବିଶ୍ୱ ଅସ୍ଥିରତାକୁ ପ୍ରଭାବିତ କରିଛି । ଥରେ ଯେତେବେଳେ ସଙ୍କଟର ଘେରରେ ରାଷ୍ଟ୍ର ପଡିଗଲା, ସେତେବେଳେ ସ୍ଥିତିରେ ସ୍ଥିରତା ଆଣିବାରେ ଆଇଏମ୍ ଏଫର ବିତ୍ତୀୟ ଅନୁଦାନ ଓ କାର୍ଯ୍ୟକ୍ରମ କେବଳ ଅସଫଳ ହେଲା ନାହିଁ, ଅନେକ କ୍ଷେତ୍ରରେ ପରିସ୍ଥିତିକୁ ଆହୁରି ଖରାପ କରିଲା ବିଶେଷତଃ ଗରିବ ଲୋକଙ୍କ ପାଇଁ ।" ଏହି ଅନୁଷ୍ଠାନ ଦ୍ୱୟର ନୀତି କିପରି ଧନୀଙ୍କ ପାଇଁ ଶୁଭଙ୍କର ହୋଇଛି ଓ ସମସ୍ତ ଗଣତାନ୍ତ୍ରିକ ତଥା ମାନବିକ ଆବେଦନକୁ ଉପେକ୍ଷା କରିଛି, ତାହାର ଉଲ୍ଲେଖ କରି Stiglitz ଲେଖନ୍ତି[୯], "ୱାଶିଂଟନ ସହମତି (Washington Consensus) *(ଅର୍ଥାତ୍ ଆଇ ଏମ୍ ଏଫ୍, ବିଶ୍ୱ ବ୍ୟାଙ୍କ ଏବଂ ଯୁକ୍ତ ରାଷ୍ଟ୍ର ଆମେରିକାର ଟ୍ରେଜରୀ (US Treasury) ମଧ୍ୟରେ ବିକାଶଶୀଳ ରାଷ୍ଟ୍ରଗୁଡିକ ପାଇଁ ସଠିକ ନୀତି ନିର୍ଦ୍ଧାରଣ ଉପରେ ସହମତି (*Globalization and its discontents, *ପୃ ୧୬))* ଅନୁସାରେ ପ୍ରସ୍ତାବିତ ନୀତିର କାର୍ଯ୍ୟକାରିତାର ଗାଏ ମୋଟ ପରିଣତି, ଅଧିକାଂଶ ସମୟରେ, ହେଉଛି ଯେ ଅଳ୍ପ କେତେଜଣ ହିଁ ଲାଭାନ୍ୱିତ ହେଉଛନ୍ତି ଅଧିକାଂଶଙ୍କୁ ବଂଚିତ କରି, ସମ୍ପନ୍ନ ହିଁ ଲାଭାନ୍ୱିତ ହେଉଛନ୍ତି ଗରିବଙ୍କୁ ବଂଚିତ କରି । ଅନେକ କ୍ଷେତ୍ରରେ ବ୍ୟବସାୟିକ ସ୍ୱାର୍ଥ ଓ ତାହାର ମୂଲ୍ୟବୋଧ, ପରିବେଶ, ଗଣତନ୍ତ୍ର, ମାନବିକ ଅଧିକାର ଏବଂ ସାମାଜିକ ନ୍ୟାୟ ପାଇଁ ଉଠୁଥିବା ସ୍ୱରକୁ ଉପେକ୍ଷା କରିଛି ।"ଏହି ମନ୍ତବ୍ୟ ପୂର୍ବରୁ ସେ କୁହନ୍ତି[୨୦],"ଏହିଭଳି ଭାବରେ ଉଦାରୀକରଣ, ଅଧିକାଂଶ ସମୟରେ, ପ୍ରତିଶ୍ରୁତ ଅଭିବୃଦ୍ଧି ଦେଇ ନାହିଁ, ବରଂ ଦୁର୍ଦ୍ଦଶା ବଢାଇଛି । ଏବଂ ଯେଉଁମାନେ ବି ଚାକିରି ହରାଇ ନାହାନ୍ତି, ସେମାନେ ବର୍ଦ୍ଧିଷ୍ଣୁ ଅସୁରକ୍ଷା ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି"ଓ[୨୧] "ଏପରିକି ଯେଉଁ ରାଷ୍ଟ୍ରଗୁଡିକରେ ସୀମିତ ଅଭିବୃଦ୍ଧି ହୋଇଛି, ସେଠାରେ ଦେଖାଯାଇଛି ଯେ ସମ୍ପନ୍ନମାନଙ୍କୁ ହିଁ ଲାଭ ହୋଇଛି ଏବଂ ବିଶେଷତଃ ସବୁଠାରୁ ସମ୍ପନ୍ନ ଉପର ଶତକଡ଼ା ୧୦ଜଣଙ୍କୁ, ଯେତେବେଳେ କି ଦାରିଦ୍ର୍ୟ ରହିଛି ବହୁତ ବେଶୀ । କେତେକ କ୍ଷେତ୍ରରେ ସବା ତଳେ ଥିବା ଲୋକଙ୍କର ଆୟରେ ଅବନତି ହୋଇଛି ।"

ଆଇଏମ୍ଏଫ୍ ଓ ବିଶ୍ୱବ୍ୟାଙ୍କ ଦୁଇ ଆନ୍ତର୍ଜାତିକ ବିତ୍ତୀୟ ଅନୁଷ୍ଠାନ ଯେ ଗଣତାନ୍ତ୍ରିକ ନୁହନ୍ତି, ତାହା ଦର୍ଶାଇବାକୁ ଯାଇ Stiglitz ଲେଖନ୍ତି[୨୨], "ଏହି ଦୁଇ ଅନୁଷ୍ଠାନ ରାଷ୍ଟ୍ରଗୁଡିକୁ ବିକାଶର ଆହ୍ୱାନ ଉପରେ କିଛି ବିକଳ୍ପ ପରିପ୍ରେକ୍ଷ୍ୟ (perspectives) ଦେଇ ପାରିଥାନ୍ତେ, ଏବଂ ଏହା କରିବାକୁ ଯାଇ ସେମାନେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଶକ୍ତିଶାଳୀ କରିପାରିଥାନ୍ତେ ।... ସେମାନେ ବିକଳ୍ପ ଯୋଜନା ଉପରେ ଏକ ଗଣତାନ୍ତ୍ରିକ ବିତର୍କ କେଉଁ ହେଲେ ଚାହିଁଲେ ନାହିଁ ।" ଏଠାରେ ଏ ଭ୍ରମ ଉପୁଜିବା ଉଚିତ ନୁହେଁ ଯେ Stiglitz ଜଗତୀକରଣର ବିରୋଧୀ । ଯେଉଁଭଳି ଜଗତୀକରଣ ଚାଲିଛି ଆଇଏମ୍ଏଫ୍ ଓ ବିଶ୍ୱ ବ୍ୟାଙ୍କର ନିର୍ଦ୍ଦେଶରେ, ତାହାର ସେ ହେଉଛନ୍ତି ସମାଲୋଚକ । କିନ୍ତୁ ତାଙ୍କର ବିଶ୍ୱାସ ଯେ[୨୩] "ଜଗତୀକରଣର ରୂପାନ୍ତର ହୋଇପାରିବ । ଏହାକୁ ଯଦି ସଠିକ ଭାବରେ ଚଳାଯିବ ଓ ଏହାର ନୀତି ଦ୍ୱାରା

ପ୍ରଭାବିତ ସମସ୍ତ ରାଷ୍ଟ୍ରର ମତାମତକୁ ଏହି ନୀତିରେ ସ୍ଥାନ ଦିଆଯିବ, ତାହାହେଲେ ସମ୍ଭବ ହୋଇପାରେ ଯେ ଏହା ଏକ ଏପରି ନୂତନ ବିଶ୍ୱ ଅର୍ଥନୀତିର ସୃଷ୍ଟି ପାଇଁ ସାହାଯ୍ୟ କରିବ, ଯେଉଁଠି ଅଭିବୃଦ୍ଧି କେବଳ ଅଧିକ ସହନୀୟ (sustainable) ଓ କମ ଉଦ୍‌ବାୟୀ (volatile) ହେବ ନାହିଁ, ଏହି ଅଭିବୃଦ୍ଧିର ଫଳର ବ ନ ଅଧିକ ନ୍ୟାୟସଙ୍ଗତ ହେବ ।" ଏଠାରେ ସ୍ମରଣ କରିବା ପ୍ରାସଙ୍ଗିକ ହେବ ଯେ Stiglitz ଏକଦା (୧୯୯୭-୨୦୦୦) ବିଶ୍ୱବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ (Chief Economist) ଥିଲେ ।

କହିବା ବାହୁଲ୍ୟ ଯେ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କରେ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ନିର୍ଦ୍ଦେଶିତ ଢାଂଚାଗତ ସୁଧାର କାର୍ଯ୍ୟକ୍ରମ ଓ ଏହା ସହିତ ଆରୋପିତ ସ ିବଳୀର ପ୍ରତିକୂଳ ପରିଣତିର ବିବରଣୀ ଯାହା ସାଉଥ କମିଶନ ରିପୋର୍ଟରେ ଉଲ୍ଲେଖ ହୋଇଥିଲା ଓ ପରେ ଜଗତୀକରଣ ଅର୍ଥନୀତିର ଯେଉଁ ସମ୍ଭାବ୍ୟ ପରିଣତି ଗୁଡ଼ିକର ଉଲ୍ଲେଖ Stiglitz ତାଙ୍କର ପୁସ୍ତକରେ କରିଲେ, ତାହା ବିଶ୍ୱ ବ୍ୟାଙ୍କ ଓ ଆଇ ଏମ୍ ଏଫ୍ ନିର୍ଦ୍ଦେଶିତ ଜଗତୀକରଣର ପ୍ରତିକୂଳ ପରିଣତିର ଏକ ଧାରାବାହିକତାକୁ ହିଁ ସୂଚିତ କରେ । ଏହି ଦୁଇ ଉଲ୍ଲେଖନୀୟ ବିବରଣୀର ପ୍ରକାଶନର ମଧ୍ୟକାଳରେ ରବିବାବୁ ଓ ତାଙ୍କର ସମଧର୍ମୀମାନଙ୍କର ଜଗତୀକରଣ ଅର୍ଥନୀତିକୁ ନେଇ ଆଶଙ୍କାକୁ ଅବାସ୍ତବ କୁହାଯାଇପାରେ କି ?

***<u>ବୈଷମ୍ୟରେ ବୃଦ୍ଧି ଓ ଜଗତୀକରଣ</u>***

Stiglitzଙ୍କ ଉପରୋକ୍ତ ବକ୍ତବ୍ୟର ପୃଷ୍ଠଭୂମିରେ ଦେଖାଯାଉ ଭାରତର ଧନୀକବର୍ଗ ଜଗତୀକରଣର ଗତ ଦୁଇଦଶନ୍ଧିରେ କେଉଁ ସ୍ଥିତିରେ ପହଂଚିଛି । ଏହି ଦୁଇ ଦଶନ୍ଧିରେ ବିଶ୍ୱର ବିଲିଅନାୟାର (ଡଲାରରେ)ଙ୍କ ମଧ୍ୟରେ ଭାରତୀୟ ବିଲିଅନାୟାରଙ୍କ ଅଂଶ ଏକ ପ୍ରତିଶତରୁ ପାଂଚ ପ୍ରତିଶତକୁ ବୃଦ୍ଧି ପାଇଛି[୨୪] । ଜାନୁଆରୀ ୨୦୧୭ରେ ପ୍ରକାଶିତ ଫୋର୍ବସ୍ ବିଲିଅନାୟାର ତାଲିକାରେ ସ୍ଥାନ ପାଇଛନ୍ତି ୧୦୧ଜଣ ଭାରତୀୟ; ୨୦୧୦ ମସିହାରୁ ପ୍ରତ୍ୟେକ ୩୩ ଦିନରେ ଏହି ତାଲିକାରେ ଜଣେ ବିଲିଅନାୟାର ଯୋଡି ହେଉଛନ୍ତି । ଭାରତୀୟ ତାଲିକାରେ ସବା ଉପରେ ଅଛନ୍ତି ମୁକେଶ ଅମ୍ବାନୀ ଓ ଅଷ୍ଟମ ସ୍ଥାନରେ ଅଛନ୍ତି କୁମାର ମଂଗଳମ ବିରଳା । ଏହି ତାଲିକାରେ ମଧ୍ୟ ଅଛନ୍ତି ବାବା ରାମଦେବଙ୍କ ସହଯୋଗୀ ଆଚାର୍ଯ୍ୟ ବାଲକୃଷ୍ଣ; ଯାହାଙ୍କର ପତଞ୍ଜଳୀ ଆୟୁର୍ବେଦରେ ଶତକଡା ୯୭ ଭାଗ ମାଲିକାନା ରହିଛି । ବିଶ୍ୱର ରାଷ୍ଟ୍ରମାନଙ୍କ ମଧ୍ୟରେ ଦେଖିଲେ ବିଲିୟନାୟାରଙ୍କ ସଂଖ୍ୟାରେ ସବା ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଥିବାବେଳେ ଭାରତ ଚତୁର୍ଥ ସ୍ଥାନରେ ଅଛି । ଏହାକୁ ନେଇ କେହି କେହି ଗର୍ବ ଅନୁଭବ କରିବା ବିଚିତ୍ର ନୁହେଁ । ଆଉ ଏକ ପରିସଂଖ୍ୟାନ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯାହା ଦର୍ଶାଇବ କେଉଁ ପରିମାଣରେ ଓ ବେଗରେ ସମ୍ପ ିର ଠୁଳୀକରଣ ହେଉଛି । ଯେପରି ଆଜି (୨୦୧୭) ଭାରତର ସର୍ବୋଚ୍ଚ ଧନୀ ଶତକଡା ୧ଭାଗଙ୍କ ପାଖରେ ରହିଛି ରାଷ୍ଟ୍ରର ସମୁଦାୟ ସମ୍ପ ିର ୫୮.୪ ଭାଗ, ଯେତେବେଳେ କି ବିଶ୍ୱର ସର୍ବୋଚ୍ଚ ଧନୀ ଶତକଡା ଏକ ଭାଗଙ୍କ ପାଖରେ ରହିଛି ବିଶ୍ୱର ସମୁଦାୟ ସଂପ ିର ଶତକଡା ୫୦ଭାଗ । ଭାରତର ମାତ୍ର ୫୭ଜଣ ବିଲିଅନାୟାରଙ୍କ ପାଖରେ ଯେତିକି ସମ୍ପ ି ଅଛି ତାହା ତଳ ଆଡକୁ ଥିବା ଶତକଡ଼ା ୭୦ଭାଗ ଜନଗଣଙ୍କ ପାଖରେ ଥିବା ସମୁଦାୟ ସମ୍ପ ି ସହ ସମାନ । ଭାରତର ସମୁଦାୟ ସମ୍ପ ିର ମୂଲ୍ୟ ୩୧୦୦୦୦ କୋଟି ଡଲାର ହୋଇଥିବାବେଳେ, ବିଶ୍ୱର ସମ୍ପ ିର ମୋଟ ପରିମାଣ ହେଲା ୨୫୫୭୦୦୦୦ କୋଟି ଡଲାର । ଭାରତରେ ସମ୍ପ ିର ଠୁଳିକରଣର ବେଗ ବେଶ ତୀବ୍ର ହୋଇଛି । ଜନସଂଖ୍ୟାର ଉପରେ ଥିବା (ଧନ କ୍ରମରେ ତାଲିକା) ଶତକଡ଼ା ୧ଭାଗଙ୍କ ପାଖରେ ୨୦୧୦ରେ ଦେଶର ସମୁଦାୟ ସମ୍ପ ିର ୪୦.୩ ଭାଗ ଥିବା ବେଳେ, ୨୦୧୬ବେଳକୁ ଏହି ଅଂଶ ୫୮.୪ ପ୍ରତିଶତରେ ପହଂଚିଛି । ବିଶ୍ୱରେ ଅନ୍ୟ ଦେଶ ତୁଳନାରେ ଭାରତରେ ହିଁ (ରୁଷିଆକୁ ଛାଡି)ଏହି ଅଂଶ ସର୍ବାଧିକ । ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଅଂଶ ୪୨.୧, ଚୀନରେ ୪୩.୮, ବ୍ରାଜିଲରେ ୪୭.୯, ଇଣ୍ଡୋନେସିଆରେ ୪୯.୩, ଥାଇଲାଣ୍ଡରେ ୫୮, ସାଉଥ ଆଫ୍ରିକା ୪୧.୯ । କେବଳ ରୁଷିଆରେ ଏହା ୭୪.୫ ।[୨୫] ଏହିଭଳି ବୈଷମ୍ୟ ବୃଦ୍ଧିର ପରିଣତି ହେଉଛି, ୧୯୮୦ଦଶକ ପରଠାରୁ ଅର୍ଥାତ୍ ଭାରତୀୟ ଅର୍ଥନୀତିର ଉଦାରୀକରଣ ପର୍ଯ୍ୟାୟ ଆରମ୍ଭ ହେବା ପରେ ପରେ, ବୈଷମ୍ୟରେ ବୃଦ୍ଧି ସବୁଠାରୁ ଅଧିକ ହୋଇଛି[୨୬] । ଏହି ଧନୀବ୍ୟକ୍ତିମାନେ କିପରି ଭାରତର ଅର୍ଥନୀତି ସହ ଖେଳ କରୁଛନ୍ତି ତାହାର ଅନେକ ଉଦାହରଣ ଅଛି । ଯେପରି ବିଜୟ ମାଲ୍ୟା ୯୦୦୦କୋଟି ବ୍ୟାଙ୍କକୁ ପରିଶୋଧ ନ କରି ବିଦେଶ ପଳାଇବା । ଏଠାକାର ଧନୀମାନେ ଟିକସ ଫାଙ୍କିବା ପାଇଁ ନିଜର ଜମାପୁଞ୍ଜିକୁ ବିଦେଶରେ ରଖିବା ଯାହା ପାନାମା ପେପର୍ସ ଓ ପାରାଡାଇଜ ପେପର୍ସରୁ ଅତି ନିକଟରେ ଉନ୍ମୋଚିତ ହୋଇଛି । କର୍ପୋରେଟ ସଂସ୍ଥା ଗୁଡିକଦ୍ୱାରା ଜାତୀୟକରଣ ବ୍ୟାଙ୍କଗୁଡିକୁ ପରିଶୋଧ କରିବାର ଦେୟର ପରିମାଣ ପ୍ରାୟ ପାଂଚଲକ୍ଷ କୋଟି ଟଙ୍କା । ଏହା ଭିତରୁ କେବଳ ଆଦାନୀ ଗ୍ରୁପ ଉପରେ ଦେୟ ଭାର ହେଉଛି ୭୨୦୦୦ କୋଟି ଟଙ୍କା[୨୭] (*ଅଥଚ ୨୦୧୭ରେ ଆଦାନୀଙ୍କ ସମ୍ପ ିରେ ୧୧୯.୬*

*ପ୍ରତିଶତ ବୃଦ୍ଧି ହୋଇଛି ବୋଲି ସମ୍ବାଦ*) । ଆମେ ସମସ୍ତେ ଜାଣୁ ଆଦାନୀ ଆଜିକାର କ୍ଷମତାସୀନ ଦଳର କେତେ ପାଖଲୋକ; ସିପିଏମ୍‌ର ଅଭିଯୋଗ ଯେ ଏହି ୭୨ହଜାର କୋଟିଟଙ୍କାକୁ ସରକାର ଛାଡ କରିଦେଇଛନ୍ତି[୨୮] । ଆଦାନୀ ଓଡ଼ିଶାରେ ଧାମରା ପୋର୍ଟର ନିର୍ମାତା, ସେ ପଟେ ଅଷ୍ଟ୍ରେଲିଆରେ କୋଇଲାଖଣି ନେବାପାଇଁ କରୁଛନ୍ତି ଉଦ୍ୟମ । କହିବାବାହୁଲ୍ୟ ଯେ ଭାରତରେ ଜଗତୀକରଣର ପର୍ଯ୍ୟାୟରେ ଧନୀ ମାନେ ଅଧିକ ଧନୀ ହୋଇଛନ୍ତି , ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ହାତରେ ଅଧିକରୁ ଅଧିକ ସମ୍ପ ି ଠୁଳ ହୋଇଛି । ୧୯୮୭ ମସିହାରେ ଫୋର୍ବସ୍ ବିଲିୟନାୟାର ତାଲିକାରେ ମାତ୍ର ଜଣେ ଭାରତୀୟ ଥିଲେ ସେ ହେଉଛନ୍ତି ବିରଳା ପରିବାର[୨୯], ୧୯୮୯ରେ ମଧ୍ୟ ତାଲିକାରେ ସେହି ବିରଳା ପରିବାର ହିଁ ଥିଲା । ୧୯୯୬ରେ ଦୁଇଜଣ ଥିଲେ ଲକ୍ଷ୍ମୀଚାନ୍ଦ ମି ଲ ଓ ଅମ୍ବାନୀ ପରିବାର ଓ ସେମାନଙ୍କର ସମ୍ପ ିର ପରିମାଣ ଯଥାକ୍ରମେ ଥିଲା ୧୫୦୦ କୋଟି ଓ ୧୧୦୦କୋଟି ଡଲାର । ୨୦୧୭ରେ ଏହି ତାଲିକାରେ ଶୀର୍ଷରେ ଅଛନ୍ତି ମୁକେଶ ଅମ୍ବାନୀ, ତାଙ୍କର ସମ୍ପ ିର ପରିମାଣ ହେଉଛି ୨୩ ହଜାର ୨୦୦କୋଟି ଡଲାର ଓ ଲକ୍ଷ୍ମୀ ମି ଲଙ୍କ ସମ୍ପ ିର ପରିମାଣ ହେଉଛି ୧୬ ହଜାର ୪୦୦ କୋଟି ଡଲାର । ଏହି ଉଦାହରଣ ଗୁଡିକ ଦର୍ଶାଉଛି ଯେ ଯେଉଁମାନେ ଧନୀ ବା ସମ୍ପନ୍ନ; ସେମାନେ ହିଁ ଅଧିକରୁ ଅଧିକ ଲାଭବାନ ହେଉଛନ୍ତି । ୨୦୧୭ବର୍ଷ ସରି ଆସିଲା ବେଳକୁ ଆମେ ଗଣମାଧ୍ୟମରେ ସମ୍ବାଦ ପଢୁଛେ[୩୦] "Indian super rich get richer in 2017" ବା "Crorepati CEO club grew 18% in FY17" ; ଆଦାନୀଙ୍କର ସମ୍ପ ିରେ ୧୧୯.୬% ବୃଦ୍ଧି ହୋଇଛି, ମୁକେଶ ଅମ୍ବାନୀଙ୍କର ହୋଇଛି ୭୬.୭% ବୃଦ୍ଧି, କୋଟିପତି ମୁଖ୍ୟ ଅଧିକାରୀଙ୍କ ସଂଖ୍ୟା ୧୩୫୯ରୁ ୧୬୦୭କୁ ବୃଦ୍ଧି ପାଇଛି) ଅପର ପକ୍ଷରେ ଆୟରେ ବୈଷମ୍ୟକୁ କମାଇବା ପାଇଁ ପ୍ରତିବଦ୍ଧତାରେ ଭାରତର ସ୍ଥାନ ୧୫୨ ରାଷ୍ଟ୍ରଙ୍କ ମଧ୍ୟରେ ୧୩୨ରେ ପହଂଚିଛି । ଯେଉଁ ରିପୋର୍ଟ (Development Finance International, Inc. ଏବଂ Oxfamରଦ୍ୱାରା ପ୍ରସ୍ତୁତ ଓ ୨୦୧୭ରେ ପ୍ରକାଶିତ)ରେ ଏହି ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଇଛି, ସେଥିରେ କୁହାଯାଇଛି ଯେ ଯଦି ନାଇଜେରିଆ ଏବଂ ଭାରତ ଭଳି ରାଷ୍ଟ୍ର ଗୁଡିକ କୌଣସି ଠୋସ ପଦକ୍ଷେପ ବ ର୍ମାନ ନ ନିଅନ୍ତି; ତାହାହେଲେ ସେମାନେ କଦାପି ଦାରିଦ୍ର୍ୟକୁ ଦୂର କରିପାରିବେ ନାହିଁ[୩୧] । ଉଲ୍ଲେଖଯୋଗ୍ୟ ଯେ ନାଇଜେରିଆ ଏହି ତାଲିକାରେ ସବା ତଳେ ଅର୍ଥାତ୍ ସ୍ଥାନ୧୫୨ରେ ଅଛି । ଏହି ରିପୋର୍ଟରେ ଉଲ୍ଲେଖ ହୋଇଛି ଯେ କିପରି ଭାରତରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷାରେ ବ୍ୟୟ ଶୋଚନୀୟଭାବେ କମ (woefully low) । ଆଉ ଏକ ଚିନ୍ତାର ବିଷୟ ହେଉଛି ବେରୋଜଗାରୀ ହାରରେ ବୃଦ୍ଧି, ୨୦୧୧-୧୨ରେ ୩.୮ପ୍ରତିଶତ ରୁ ୨୦୧୫-୧୬ରେ ୫.୦ ପ୍ରତିଶତ[୩୨] । ସେ ପଟେ କ୍ଷୁଧା ସୂଚକାଙ୍କ (hunger index) ଦେଖିଲେ ଭାରତର ସ୍ଥିତି ଅତ୍ୟନ୍ତ ଶୋଚନୀୟ । ଯେପରି ୧୧୯ ରାଷ୍ଟ୍ରଙ୍କ ମଧ୍ୟରେ ଆଜି (୨୦୧୭ରେ) ଭାରତର ସ୍ଥାନ ୧୦୦ । ଏସିଆ ମହାଦେଶରେ ଏହା ତଳକୁ ରହିଛି ଆଫଗାନିସ୍ଥାନ ଓ ପାକିସ୍ଥାନ ।[୩୩] ୨୦୧୫ରୁ ଆଜି ଭିତରେ କୌଣସି ଉନ୍ନତି କ୍ଷୁଧା ନିବାରଣ କ୍ଷେତ୍ର ଦେଖାଯାଏ ନାହିଁ ବରଂ ଭାରତର ସ୍ଥାନ କ୍ରମାନ୍ୱୟରେ ଖସିବାରେ ଲାଗିଛି । କଣ କହୁଛି ଉପରୋକ୍ତ ପରିସଂଖ୍ୟାନଗୁଡିକ ? ଯାହା ସାଉଥ କମିଶନ ରିପୋର୍ଟରେ କୁହାଯାଇଥିଲା ଓ ଜୋସେଫ ଷ୍ଟିଗଲିଜଙ୍କ ଦ୍ୱାରା ଯେଉଁ ଆଶଙ୍କା ଗୁଡିକ ପ୍ରକାଶ ପାଇଥିଲା, ଭାରତୀୟ ସନ୍ଦର୍ଭରେ, ତାହାକୁ ଏହି ପରିସଂଖ୍ୟାନଗୁଡ଼ିକ ପୁଷ୍ଟି କରୁ ନାହିଁ କି ?

ତେଣୁ ରବିବାବୁ ଓ ତାଙ୍କର ସମଧର୍ମାମାନେ ମନମୋହନ ସିଂହଙ୍କ ଆଚରଣରେ ଯେଉଁ ବିଡ଼ମ୍ବନା ଦେଖିଥିଲେ ଓ ଉଦାରୀକରଣ-ବିଶ୍ୱିକରଣ-ଘରୋଇକରଣ ଅର୍ଥନୀତିକୁ ସାଧାରଣ ଲୋକର ସ୍ୱାର୍ଥବିରୋଧୀ ବୋଲି ବିରୋଧ କରୁଥିଲେ, ସେମାନେ ଆଦୌ ଅବାସ୍ତବ କଥା କହୁ ନଥିଲେ । ଏହା ତ ଭିନ୍ନ କଥା ଯେ ଏହାର ପ୍ରଭାବ ଆମର କ୍ଷମତା ରାଜନୀତିରେ ପ୍ରବୃ ରାଜନେତାମାନଙ୍କ ଉପରେ ପଡିଲା ନାହିଁ ।

***ବ୍ୟବହୃତ ଉପାଦାନ ସୂଚୀ***


୧.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୧୭

୨. The Challenge to the South, The Report of the South Commission, Oxford University Press, 1990, p.vii

୩. The Challenge to the South, The Report of the South Commission, Oxford University Press, 1990 p,72

୪. The Challenge to the South, The Report of the South Commission, Oxford University Press, 1990, p,19

୫. The Challenge to the South, The Report of the South Commission, Oxford University Press, 1990,p.240

୬. The Challenge to the South, The Report of the South Commission, Oxford University Press, 1990, p.173 ୭. The Challenge to the South, The Report of the South Commission, Oxford University Press, 1990, p.37-38

୮.ସାମ୍ରାଜ୍ୟବାଦର ପ୍ରତିଧ୍ୱନି, ବୀରେନ୍ଦ୍ର କୁମାର ନାୟକ, ସାମ୍ୟବାଦୀ, ଶାରଦୀୟ ବିଶେଷାଙ୍କ ୧୯୯୩

୯.1991, the untold story , Yashwant Sinha July 29, 2016 , http://www.thehindu.com/opinion/op-ed/1991-the-untold-story/article14513325.ece

୧୦.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୨୫

୧୧.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୨୭

୧୨.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୦୦

୧୩. Vyapam scam: CBI files charge sheet against 592 accused - The Hindu, http://www.thehindu.com/news/vyapam-scam-cbi-files-charge-sheet-again..

୧୪. Retired Orissa High Court judge among 5 arrested by CBI in corruption ca... http://www.thehindu.com/news/national/retired-orissa-high-court-judge-.

୧୫.ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀଟ୍ରଷ୍ଟ, ୨୦୦୫, ପୃ ୧୦୦.

୧୬. ଅନ୍ୱେଷାର ଆକାଶ, ରବି ରାୟ, ଲୋହିଆ ଏକାଡେମୀ ଟ୍ରଷ୍ଟ, ୨୦୦୫, ପୃ ୧୧୬

୧୭.http://www.business-standard.com/article/current-affairs/ugc-s-funding-role-halved-116030400027_1.html.

୧୮.Globalization and its discontents, Joseph Stiglitz, Penguin Books India, New Delhi, 2003, p.15

୧୯. Globalization and its discontents, Joseph Stiglitz, Penguin Books India, New Delhi, 2003, p.20

୨୦. Globalization and its discontents, Joseph Stiglitz, Penguin Books India, New Delhi, 2003, p.17

୨୧.Globalization and its discontents, Joseph Stiglitz, Penguin Books India, New Delhi, 2003, p.18

୨୨.Globalization and its discontents, Joseph Stiglitz, Penguin Books India, New Delhi, 2003, p.14-15

୨୩. Globalization and its discontents, Joseph Stiglitz, Penguin Books India, New Delhi, 2003, p.22

୨୪. https://qz.com/967146/india-is-adding-billionaires-at-an-astonishing-rate/

୨୫.57 Indian Billionaires Own Wealth Equal to Bottom 70% of Country's Pop... https://thewire.in/100250/57-indian-billionaires-own-wealth-equal-to-bo

୨୬. Income Inequality Highest in India Since 1980s, Fin ds New Report - The Wire https://thewire.in/205013/income-inequality-highest-india-since-1980s-fi.

୨୭. Shocking! At Rs 72,000 crore, Gautam Adani's firm owes banks 8times m... http://zeenews. india.com/business/news/companies/sh ocking-at-rs-72000.

୨୮. Rs 72,000 crore of Adani loans waived: CPM https://www.deccanchronicle.com/nation/politics/200517/rs-72-thousand....

୨୯. https://www.forbes.com/sites/seankilachand/2012/03/21/forbes-history-the-original-1987-list-of-international-billionaires/#1a1a97fd447e

୩୦.Business Standard, 30/31 December 2017

୩୧.India ranks 132 in commitment to narrow income inequality - Livemint http://www.livemint.com/Politics/eYghD8stGzkaZXhEIoNZaN/India-rank..

୩୨.http://www.thehindu.com/opinion/editorial/where-the-jobs-are/article18491840.ece

୩୩.Fact-check: Did India fall 45 places in Global Hunger Index rank from 201... https://www.altnews.in/fact-check-india-fall-45-places-global-hunger-ind..